


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୨୦୩ ଭୁବନେଶ୍ୱର ଗୁରୁବାର, ଅପ୍ରେଲ୍ ୧୦,୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.203 Bhubaneswar, Thursday, April 10, 2025


## ଚକ୍‌ଲେଟ୍ ବିକିବ ଓମ୍‌ଫେଡ୍



ଭୁବନେଶ୍ୱର,୯/୪: ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ଚକ୍‌ଲେଟ୍ ବଜାରରେ ପ୍ରବେଶ କରିବ। ଆଗାମୀ ଦିନରେ ଚକ୍‌ଲେଟ୍ ବିକ୍ରି କରିବ। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ବୁଧବାର ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀ କୁଲାଙ୍ଗେ ସାମ୍ବାଦିକମାନଙ୍କୁ କହିଛନ୍ତି, ଓମ୍‌ଫେଡ୍‌ର ଚକଲେଟ୍ ଡିଜାଇନ୍ ନ୍ୟାସନାଲ୍ ଡାଏରି ଡେଭଲପମେଣ୍ଟ ବୋର୍ଡ ପକ୍ଷରୁ କରାଯାଇଛି। ଏ ନେଇ ଏକ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଛି । ଆବଶ୍ୟକ ପୁଞ୍ଜି ନିବେଶ ପାଇଁ ଖୁବଶୀଘ୍ର ଏହାକୁ ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯିବ । ପ୍ରଡକ୍ଟରେ ବିବିଧତା ଆଣିବା ଓ ଡାଇରି ପ୍ରଡକ୍ଟରେ ମୂଲ୍ୟସଂଯୁକ୍ତ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି ବୋଲି ସେ କହିଛନ୍ତି । ଏତଦ୍ ବ୍ୟତୀତ ଓମ୍‌ଫେଡ୍ ପାଣି ବୋତଲ ମଧ୍ୟ ବିକ୍ରି କରିବାକୁ ଅଣ୍ଟା ଭିଡ଼ିଛି। ଆଗାମୀ ୪ ମାସ ଭିତରେ ଓଡ଼ିଶା ବଜାରେ ପାଣି ବୋତଲ ବିକ୍ରି ଆରମ୍ଭ କରିବ। ଏହାଛଡ଼ା ବର୍ଷକ ଭିତରେ ଓମଫେଡ୍ ୧୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନେଇ ଯୋଜନା ପ୍ରସ୍ତୁତ କରିଛି। ବର୍ତ୍ତମାନ ଓମଫେଡ୍ ଦିନକୁ ୫.୫ ଲକ୍ଷ ଲିଟର ଦୁଗଧ ପ୍ରାୟ ଅଢେଇ ଲକ୍ଷ ଚାଷୀଙ୍କଠାରୁ ସଂଗ୍ରହ କରୁଛି। ତେବେ ଆଗାମୀ ଏକ ବର୍ଷ ମଧ୍ୟରେ ଦୈନିକ ଦୁଗଧ ସଂଗ୍ରହ ୧୦ ଲକ୍ଷ ଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି । ଏହାଛଡ଼ା ଘିଅ ଉତ୍ପାଦନ ବୃଦ୍ଧି କରିବା ନେଇ ଆଗାମୀ ଦିନରେ ଓମଫେଡ୍ ଯୋଜନା ରଖିଛି। ବର୍ତ୍ତମାନ ସମୟରେ ଓମଫେଡ୍ ମାସକୁ ୧୨୦ ଟନ୍ ଘିଅ ଉତ୍ପାଦନ କରୁଛି।

## ଅମିତ ଶାହଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ବୈଠକ

ଭୁବନେଶ୍ୱର,୯/୪: କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହିତ ରାଜ୍ୟରେ ତିନୋଟି ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ପୁଲିସ, କାରାଗାର, ଅଦାଲତ, ଦଣ୍ଡବିଧାନ ଏବଂ ଫରେନ୍ସିକ୍ ସମ୍ବନ୍ଧୀୟ ବିଭିନ୍ନ ନୂତନ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ କେନ୍ଦ୍ର ଗୃହ ସଚିବ, ଓଡ଼ିଶାର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋର ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ସରକାର ଆଗାମୀ ଛଅ ମାସ ମଧ୍ୟରେ ପ୍ରଶାସନର ସମସ୍ତ ସ୍ତରରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ପ୍ରାଥମିକତା ଦେବା ଉଚିତ। ଶ୍ରୀ ଅମିତ ଶାହ କହିଥିଲେ, ଓଡ଼ିଶାର ବିକାଶ ପାଇଁ ଆଗାମୀ ଦଶନ୍ଧି ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତରେ ରାଜ୍ୟର ଶିଳ୍ପ ଏବଂ ବୈଷୟିକ ବିକାଶକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ସୁଦୃଢ଼ କରିବାରେ ନୂତନ ଅପରାଧିକ ଆଇନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ରାଜ୍ୟ ଗୃହ ସଚିବ ସ୍ତରରେ ସପ୍ତାହକୁ ଗୋଟିଏ ଥର ଏବଂ ମୁଖ୍ୟ ସଚିବ ଓ ପୁଲିସ ମହାନିର୍ଦ୍ଦେଶକ ସ୍ତରରେ ପ୍ରତ୍ୟେକ ୧୫ ଦିନ ଏବଂ ମୁଖ୍ୟମନ୍ତ୍ରୀ ମାସରେ ଗୋଟିଏ ଥର ରାଜ୍ୟରେ ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଆବଶ୍ୟକ। ରାଜ୍ୟରେ ଏହି ଆଇନଗୁଡ଼ିକର କାର୍ଯ୍ୟକାରିତା ପାଇଁ ଏକ ସମୟସୀମା ସ୍ଥିର କରିବା ଆବଶ୍ୟକ ବୋଲି ଶ୍ରୀ ଶାହ ପରାମର୍ଶ ଦେଇଥିଲେ ।

# ତାମିଲନାଡୁ ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା

ଚେନ୍ନାଇ,୯/୪: ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ତାମିଲନାଡୁ ସରକାରଙ୍କ ସପକ୍ଷରେ ସୁପ୍ରିମକୋର୍ଟ ମଙ୍ଗଳବାର ଏକ ବଡ଼ ରାୟ ଶୁଣାଇଛନ୍ତି। ରାଜ୍ୟପାଳ ଆରଏନ୍ ରବି, ରାଜ୍ୟ ସରକାରଙ୍କ ୧୦ଟି ପ୍ରମୁଖ ବିଲକୁ ଅନୁମୋଦନ ନଦେବା ଏବଂ ଏହାକୁ ସ୍ଥଗିତ ରଖିବା ସମ୍ପୂର୍ଣ୍ଣ "ଅବୈଧ" ଏବଂ ସ୍ୱେଚ୍ଛାଚାରିତା ପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନିଜ ରାୟରେ ବିଚାରପତି ଜଷ୍ଟିସ୍ ଜେବି ପାରଦିୱାଲା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ, ବିଧାନସଭାରେ ଗୃହୀତ ହେବା ପରେ ବିଲ୍ ପୁନଃଆଗତ ହେବା ସମୟରେ ରାଜ୍ୟପାଳଙ୍କୁ ଅନୁମୋଦନ କରିବା ଉଚିତ୍ ଥିଲା। କିନ୍ତୁ ରାଜ୍ୟପାଳ ସମ୍ମତି ଦେଇନଥିଲେ। ଏହା ବେଆଇନ ଏବଂ ମନମୁଖୀ। ତେଣୁ, ରାଜ୍ୟପାଳଙ୍କ ନିର୍ଦ୍ଦେଶ ତଥା ସମସ୍ତ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପୀଠ ଏହି ବିକଳ୍ପଗୁଡ଼ିକୁ ବ୍ୟବହାର କରିବା ପାଇଁ ସମୟସୀମା ସ୍ଥିର କରିଛନ୍ତି ଏବଂ କହିଛନ୍ତି ଯେ ଏହି ସମୟସୀମା ପୂରଣ କରିବାରେ ବିଫଳ ହେଲେ ରାଜ୍ୟପାଳ ଆରଏନ୍ ରବିଙ୍କ କାର୍ଯ୍ୟ ନ୍ୟାୟିକ ଯାଞ୍ଚ ପାଇଁ ବାଧ୍ୟ ହେବ। କୋର୍ଟ ରାଜ୍ୟପାଳଙ୍କୁ ବିଲ୍ ପ୍ରତି ସମ୍ମତି ସ୍ଥଗିତ ରଖିବା ଏବଂ ମନ୍ତ୍ରୀ ପରିଷଦର ସହାୟତା ଏବଂ ପରାମର୍ଶ ସହିତ ରାଷ୍ଟ୍ରପତିଙ୍କ ସମୀକ୍ଷା ପାଇଁ ସଂରକ୍ଷଣ ରଖିବା ପାଇଁ ଗୋଟିଏ ମାସର ସମୟ ସୀମା ଧାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏବଂ ଡିଏମ୍‌କେ ମୁଖ୍ୟ ଏମ୍‌କେ ଷ୍ଟାଲିନ ସୁପ୍ରିମକୋର୍ଟଙ୍କ ଏହି ରାୟକୁ "ଐତିହାସିକ" ବୋଲି ବର୍ଣ୍ଣନା କରିଛନ୍ତି। "ଏହା କେବଳ ତାମିଲନାଡୁ ପାଇଁ ନୁହେଁ ବରଂ ସମସ୍ତ ଭାରତୀୟ ରାଜ୍ୟ ପାଇଁ ଏକ ବଡ଼ ବିଜୟ। ଡିଏମ୍‌କେ ରାଜ୍ୟ ସ୍ୱାୟତ୍ତତା ଏବଂ ସଂଘୀୟ ରାଜନୀତି ପାଇଁ ଲଢ଼ିବ ଏବଂ ଜିତିବ ବୋଲି ସେ କହିଛନ୍ତି। ପ୍ରକାଶ, ସମ୍ବିଧାନର ଧାରା ୨୦୦ ରାଜ୍ୟପାଳଙ୍କ ସମ୍ମୁଖରେ ବିକଳ୍ପ ପ୍ରଦାନ କରେ ଯେତେବେଳେ



ରାଜ୍ୟ ସଦନ ଦ୍ୱାରା ଗୃହୀତ ଏକ ବିଲ୍ ତାଙ୍କ ସମ୍ମୁଖରେ ଉପସ୍ଥାପିତ ହୁଏ। ରାଜ୍ୟପାଳ ତାଙ୍କର ସମ୍ମତି ଦେଇପାରିବେ, ସମ୍ମତି ସ୍ଥଗିତ ରଖିପାରିବେ କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ବିଲ୍ ସଂରକ୍ଷଣ କରିପାରିବେ। ରାଜ୍ୟପାଳ କିଛି ବ୍ୟବସ୍ଥାର ପୁନଃବିଚାର ପାଇଁ ବିଲ୍‌ଟିକୁ ଗୃହ କିମ୍ବା ଗୃହକୁ ଫେରାଇପାରିବେ। ଯଦି ଗୃହ ଏହାକୁ ପୁନର୍ବାର ପାସ୍ କରେ, ତେବେ ରାଜ୍ୟପାଳ ସମ୍ମତିକୁ ଅଟକାଇବେ ନାହିଁ। ରାଜ୍ୟପାଳ ରାଷ୍ଟ୍ରପତିଙ୍କ ବିଚାର ପାଇଁ ଏପରି ଏକ ବିଲ୍‌କୁ ସଂରକ୍ଷଣ କରିପାରିବେ ଯାହା ସମ୍ବିଧାନ, ରାଜ୍ୟ ନୀତିର ନିର୍ଦ୍ଦେଶାତ୍ମକ ନୀତିର ବିରୁଦ୍ଧାଚରଣ କରୁଥିବ କିମ୍ବା ଜାତୀୟ ଗୁରୁତ୍ୱର ବିଷୟ ହୋଇଥିବ ବୋଲି ରାଜ୍ୟପାଳ ଅନୁଭବ କରିବେ। ଆରଏନ୍ ରବି ୨୦୨୧ ମସିହାରେ ତାମିଲନାଡୁର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଜଣେ ପୂର୍ବତନ ଆଇପିଏସ୍ ଅଧିକାରୀ ଯିଏକି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଡିଏମ୍‌କେ ସରକାର ତାଙ୍କ ବିରୋଧରେ ବିଜେପି ମୁଖପାତ୍ର ପରି କାର୍ଯ୍ୟ କରିବା ଏବଂ ବିଲ୍ ଏବଂ ନିଯୁକ୍ତିକୁ ଅବରୋଧ କରିବାର ଅଭିଯୋଗ ଆଣିଛି। ପ୍ରକାଶ ତାମିଲନାଡୁ ବିଧାନସଭା ଅଧିବେଶନ ଆରମ୍ଭରେ ରାଜ୍ୟପାଳ ଆରଏନ୍ ରବର୍ଜାତୀୟ ସଂଗୀତ ଗାନ କରାନଯିବାକୁ ନେଇ ନିଜ ପ୍ରାରମ୍ଭିକ ଭାଷଣ ନପଢ଼ି ଅଧାରୁ ଚାଲିଯାଇଥିଲେ। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

## ପାଣ୍ଡିଆନ୍‌ଙ୍କୁ ସମାଲୋଚନା କରନ୍ତୁ ନାହିଁ

### ପାଣ୍ଡିଆନ୍ ଉଭୟ ରାଜ୍ୟ ଓ ଦଳ ପାଇଁ ଭଲ କାମ କରିଛନ୍ତି: ନବୀନ ପଟ୍ଟନାୟକ




ଭୁବନେଶ୍ୱର,୯/୪: ଓଡ଼ିଶା ସରକାରରେ ପୂର୍ବତନ ୫ଟି ଅଧକ୍ଷ ତଥା ବିଜେଡିରୁ ଇସ୍ତଫା ଦେଇଥିବା ଭୌରବ କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ମୁହଁ ଖୋଲିଛନ୍ତି। ନବୀନ ନିବାସରେ ବିଜେଡି ସୁପ୍ରିମୋ ଜାତୀୟ ଗଣମାଧ୍ୟମକୁ କହିଛନ୍ତି, ଭି କେ ପାଣ୍ଡିଆନ୍ ଉଭୟ ରାଜ୍ୟ ଓ ଦଳ ପାଇଁ ଭଲ କାମ କରିଛନ୍ତି। ସେ ଗତ ୧୦ ମାସ ହେଲା ବିଜେଡିରୁ ଇସ୍ତଫା ଦେଇସାରଛନ୍ତି। ବର୍ତ୍ତମାନ ସମୟରେ ବିଜେଡିର କୌଣସି କାର୍ଯ୍ୟରେ ସଂଶ୍ଳିଷ୍ଟ ନାହାନ୍ତି। ଶ୍ରୀ ପଟ୍ଟନାୟକ ପୁଣି ଥରେ ପାଣ୍ଡିଆନଙ୍କ ସମର୍ଥନରେ ବାହାରି ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ଦେଇଛନ୍ତି। ପାଣ୍ଡିଆନଙ୍କୁ ଆକ୍ରମଣ କରୁଥିବା ନେତାଙ୍କୁ କଡ଼ା ଜବାବ ଦେଇଛନ୍ତି। ପାଣ୍ଡିଆନଙ୍କୁ ସମାଲୋଚନା କରିଥିବା ପ୍ରଭାତ ତ୍ରିପାଠୀଙ୍କ ପ୍ରତି କଡ଼ା ମନ୍ତବ୍ୟ ଦେଇଛନ୍ତି।ପ୍ରଭାତ ତ୍ରିପାଠୀ ପୂର୍ବରୁ ଦଳରୁ ବିଦା ହୋଇଥିଲେ। 'ଚିଟଫଣ୍ଡ ମାମଲାରେ ପୂର୍ବରୁ ପ୍ରଭାତ ଜେଲ୍ ଯାଇଛନ୍ତି। ପ୍ରଭାତ ତ୍ରିପାଠୀ ବିଜେଡିର କିଛି ନୁହଁନ୍ତି। ୱାକଫ୍ ବିଲ୍ ଆଇନ୍‌ରେ ପରିଣତ ହେଲା ପରେ ଏହାକୁ ସମର୍ଥନ କରିବା ନକରିବା ନେଇ ବିଜେଡି ନେତାଙ୍କ ମନରେ ଅସନ୍ତୋଷର ନିଆଁ କୁହୁଳୁଛି। ୱାକଫ୍ ସଂଶୋଧନ ବିଲ୍ ସପକ୍ଷରେ ମତଦାନକୁ ନେଇ ଆରମ୍ଭ ହୋଇଥିବା ମତଭେଦ ଏବେ ବଡ ଆକାର ନେଲାଣି। ମଙ୍ଗଳବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ନେତାଙ୍କୁ କୌଣସି ବୟାନ ନଦେବାକୁ ପରାମର୍ଶ ଦେଇଥିଲେ। ହେଲେ ଆଜି ପୂର୍ବାହ୍ଣରେ ବିଜେଡି ନେତାମାନେ ଅଲଗା ଅଲଗା ଜାଗାରେ ମେଳି କରିଥିଲେ। କିଛି ନେତା ଏକ ଘରୋଇ ହୋଟେଲରେ ବସି ଆଲୋଚନା କରିଛନ୍ତି ତ ଆଉ କିଛି ପ୍ରତାପ ଦେବଙ୍କ ବାସଭବନରେ ବୈଠକ କରିଥିଲେ। ସେପଟେ ଓଡିଆ ଅସ୍ମିତା ନାଁ ନେଇ ଦଳର କିଛି ନେତାଙ୍କୁ ଟାର୍ଗେଟ୍ କରିଥିଲେ ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ। ୱାକଫ୍ ଭୋଟକୁ ନେଇ ବିଜେଡିରେ ଖୋଲାଖୋଲି ଅସନ୍ତୋଷ ଦେଖାଯାଇଛି। ଜୋରଦାର ବୟାନବାଜି ମଧ୍ୟରେ ବୁଧବାର ମାରାଥନ୍ ବୈଠକ ବସିଥିଲା। ପଟିଆର ଏକ ଘରୋଇ ହୋଟେଲରେ ଦଳର ବରିଷ୍ଠ ନେତା ଏକାଠି ହୋଇଥିଲେ। ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଅଶୋକ ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ, ନୃସିଂହ ସାହୁ, ପ୍ରଭାତ ତ୍ରିପାଠୀ ଓ ଭୂପିନ୍ଦର ସିଂହ ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ।

## ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ



ଭୁବନେଶ୍ୱର,୯/୪: ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଟେକ ହୋମ୍ ରାସନ ଯୋଜନା ଅନ୍ତର୍ଗତ ଗତ ନଭେମ୍ବର ମାସରେ ଅନୁଷ୍ଠିତ ଟେକ ହୋମ୍ ରାସନ କନକ୍ଲେଭରେ ଉପସ୍ଥାପିତ ପରାମର୍ଶ ବିଷୟରେ ଏହି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା। ମାନ୍ୟବର ଉପ- ମୁଖ୍ୟମନ୍ତ୍ରୀ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଆସାମ, ତେଲେଙ୍ଗନା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି କାର୍ଯ୍ୟକାରୀ ହେଉଥିବା ଟେକ ହୋମ୍ ରାସନ ଉତ୍ପାଦନ ମଡେଲଗୁଡିକ ଉପରେ ଚର୍ଚ୍ଚା କରିଥିଲେ । ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଅଧୀନରେ ହିତାଧିକାରୀଙ୍କୁ ବଣ୍ଟା ଯାଉଥିବା ଟେକ ହୋମ୍ ରାସନର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡିକର ସମୀକ୍ଷା କରିଥିଲେ । ରାଜ୍ୟର ଟେକ ହୋମ୍ ରାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଦକ୍ଷତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିକାଶ ବିଭାଗର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଯଥା ସକ୍ଷମ ଅଙ୍ଗନବାଡି, ମିଶନ ବାତ୍ସଲ୍ୟର କାର୍ଯ୍ୟକାରିତାର ଉପରେ ମଧ୍ୟ ସମୀକ୍ଷା କରିଥିଲେ । ସକ୍ଷମ ଅଙ୍ଗନବାଡି କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡିରେ ପରିଣିତ କରିବା ନିମନ୍ତେ ରୋଡ଼ମ୍ୟାପ ପ୍ରସ୍ତୁତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ପୁଣି ଚଳିତ ବର୍ଷ ପୋଷ୍ୟ ସନ୍ତାନ ଗ୍ରହଣରେ ଓଡ଼ିଶା ଗତ ସମସ୍ତ ବର୍ଷର ରେକର୍ଡ ଭାଙ୍ଗି ରାଜ୍ୟରେ ସର୍ବାଧିକ ସଂଖ୍ୟାର ପୋଷ୍ୟ ସନ୍ତାନ ଗ୍ରହଣ ହୋଇପାରିଛି ଜାଣି ସେ ଖୁସି ବ୍ୟକ୍ତ କରିବା ସହ ମିଶନ ବାତ୍ସଲ ଅଧୀନରେ ଥିବା ଶିଶୁ ସୁରକ୍ଷା ସେବା ଯଥା ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ ଓ ଅନ୍ୟ ସେବାଗୁଡିକ ସମ୍ବନ୍ଧରେ ଅଧିକ ଜନ ସଚେତନତା ସୃଷ୍ଟି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ୨୨ ନକ୍ସଲଙ୍କ ଆତ୍ମସମର୍ପଣ: ୪ ଜଣଙ୍କ ନାମରେ ଥିଲା ୨୬ ଲକ୍ଷ ପୁରସ୍କାର



ମାଲକାନଗିରି,୯/୪: ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ପୁଲିସ ନିକଟରେ ୨୨ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ନାମରେ ୨୬ ଲକ୍ଷ ଟଂକାର ପୁରସ୍କାର ଘୋଷଣା ହୋଇଥିଲା। ଏଥିସହ ଏମାନଙ୍କ ମଧ୍ୟରୁ ୬ ଜଣ ମହିଳା ନକ୍ସଲ ରହିଛନ୍ତି। ଏମାନଙ୍କ ମଧ୍ୟରୁ ବାଟାଲିୟନ ନମ୍ବର ୧ର ସଦସ୍ୟ କମଲି ହେମଲା(୩୨) ଏବଂ ପାର୍ଟି ମେମ୍ବର ମୁୟା ମାଣ୍ଡବି(୧୯)ଙ୍କ ନାରେ ୮ ଲକ୍ଷ ଲେଖାଏଁ ପୁରସ୍କାର ଘୋଷଣା ହୋଇଥିଲା। କମାଣ୍ଡର ସୋନୁ ତାତି(୨୮) ଏବଂ ପିଏଲଜିଏ ସଦସ୍ୟ ମହେଶ ପୁନେମ(୨୦)ଙ୍କ ନାମରେ ୫ ଲକ୍ଷ ଲେଖାଏଁ ପୁରସ୍କାର ଘୋଷିତ ଥିଲା। ସରକାରଙ୍କ ତରଫରୁ ସମସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆତ୍ମନିର୍ଭରଶୀଳ କରାଯିବ ବୋଲି ପୁଲିସ କହିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୭୯ ଜଣ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି। ନୂଆ ନିୟମ ଅନୁଯାୟୀ ସମସ୍ତଙ୍କୁ ୫୦ ହଜାର ଟଂକା ଲେଖାଏଁ ପ୍ରଦାନ କରାଯାଇଥିଲା।

# ଅସନ୍ତୋଷ ଲୁଚାଇଲେ ବି ଲୁଚୁନି




ଭୁବନେଶ୍ୱର,୯/୪: ୱକଫ୍ ବିଲ୍‌ରେ ବିଜେଡିର ଆଭିମୁଖ୍ୟକୁ ନେଇ ଦଳରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିବାଦ ମୋଡ଼ ବଦଳାଇଛି। ଏ ପ୍ରସଙ୍ଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ହାବଭାବ ମଧ୍ୟ କାହାକୁ ବୁଝାପଡୁନାହିଁ। 'ବିବେକ'ର ଖେଳ ଖେଳି ଯେଉଁ ଗୋଷ୍ଠୀ ବିଜେଡିକୁ ଜାତୀୟ ସ୍ତରରେ ଅପଦସ୍ଥ କରିଛନ୍ତି, ସେମାନେ ଏବେ ନିଜ ପ୍ରଭାବ ବିସ୍ତାର କରିବା ପାଇଁ ନୂଆ ଖେଳ ଆରମ୍ଭ କରିଛନ୍ତି। ଭିକେ ପାଣ୍ଡିଆନଙ୍କ ନାଁ ଧରିଥିବା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଢେର ଚାପ କୌଶଳ ପ୍ରୟୋଗ କରୁଛନ୍ତି। ଏହି ଗୋଷ୍ଠୀ ନିଜ ନିଷ୍ପତ୍ତିକୁ ଠିକ୍ ବୋଲି ଦର୍ଶାଇବାକୁ ଯେ କୌଣସି ସ୍ତରକୁ ଯିବା ଲାଗି ପ୍ରସ୍ତୁତ। ସେପଟେ ବରିଷ୍ଠ ନେତା ବି ନଛୋଡ଼ବନ୍ଧା। ଆଜି ନବୀନଙ୍କୁ ଭେଟି ସିଧା ସିଧା ପଚାରିଛନ୍ତି ଯେ ଦଳୀୟ ସାଂସଦଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଟ୍ୱିଟ୍ କରିବା ପାଇଁ ଅନ୍ୟ ସାଂସଦଙ୍କୁ କିଏ ନିର୍ଦ୍ଦେଶ ଦେଲା ପାଣ୍ଡିଆନଙ୍କ ପାଇଁ ଓକିଲାତି କରି ଦଳ ସାମାଜିକ ଗଣମାଧ୍ୟମରେ କିଭଳି ହଲାପଟା ହେଉଛି, ସେ ସଂକ୍ରାନ୍ତରେ ବି ଅବଗତ କରିଛନ୍ତି। ମନେପକାଇ ଦେଇଛନ୍ତି ଯେ ସାଂସଦ ସସ୍ମିତ ପାତ୍ର କାହା ନିର୍ଦ୍ଦେଶରେ ଦଳର ଭାବମୂର୍ତ୍ତିକୁ ମଝିଦାଣ୍ଡକୁ ନେଇଗଲେ ନବୀନ ସମସ୍ତଙ୍କର ସବୁ କଥା ଶୁଣିଥିଲେ ହେଁ ଉଭୟ ଗୋଷ୍ଠୀର ଅଭିଯୋଗ ଉପରେ କୌଣସି ସ୍ପଷ୍ଟ ମନ୍ତବ୍ୟ ରଖିନାହାନ୍ତି। କେବଳ ଧାଡ଼ିଏ ବାକ୍ୟରେ କହିଛନ୍ତି ଯେ ଆଗ ଗଣମାଧ୍ୟମରେ ବୟାନବାଜି ବନ୍ଦ କରନ୍ତୁ। ଦଳର କ୍ଷତି ହେଉଛି। ମୋ ଉପରେ ଭରସା ରଖନ୍ତୁ। ଠିକ୍ ପଦକ୍ଷେପ ନିଆଯିବ। ଏହାକୁ କେହି କେହି ଝଡ଼ ପୂର୍ବର ନିରବତା ବୋଲି ବର୍ଣ୍ଣନା କରୁଛନ୍ତି। ଆଉ କେହି କହୁଛନ୍ତି ଯେ ଏମିତି ହିଁ ସମୟ ନେଇ ନବୀନ ମୂଳ ଅଭିଯୋଗକୁ ଟାଳି ଫିଙ୍ଗିଦେବେ। ଅତୀତରେ ଏହାର ଅନେକ ନଜିର ରହିଛି। ଆଜି ପୂର୍ବାହ୍ଣରେ ବିଜେଡିର ବରିଷ୍ଠ ନେତାମାନେ ନବୀନ ନିବାସ ଯାଇଥିଲେ। ସଭାପତି ନବୀନ ପଟ୍ଟନାୟକଙ୍କ ସହ ସେମାନଙ୍କର ଆଲୋଚନା ହୋଇଥିଲା। ୱକଫ୍ ବିଲ୍ ପ୍ରସଙ୍ଗରେ ଗଣମାଧ୍ୟମରେ ଆଉ ବୟାନ ନ ଦେବା ପାଇଁ ନବୀନ ସେମାନଙ୍କୁ କହିଥିଲେ। ଦଳ ଧର୍ମନିରପେକ୍ଷ ନୀତିରେ ଅଟଳ ରହିଛି ଓ ଏହି ପ୍ରସଙ୍ଗରେ ଠିକ୍ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏହା ପରେ ସାଂଗଠନିକ ନିର୍ବାଚନ, ବିଶେଷ କରି ଜିଲ୍ଲା ସଭାପତି ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ବାହାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଆଗରେ ବରିଷ୍ଠ ନେତାମାନେ ୱକଫ୍ ବିଲ୍ ପ୍ରସଙ୍ଗରେ ଆଉ କିଛି କହି ନଥିଲେ। ଦେବୀ ମିଶ୍ର, ଅରୁଣ ସାହୁ, ପ୍ରତାପ କେଶରୀ ଦେବ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ବୁଲେଇ ବଙ୍କେଇ ଦେଇଥିଲେ। କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ମଜଭୁତ ଅଛି। କିଛି ଦ୍ୱନ୍ଦ୍ୱ ନାହିଁ। ସଭାପତିଙ୍କ ସହ ସାଂଗଠନିକ ନିର୍ବାଚନ ସମ୍ପର୍କରେ ଆଲୋଚନା ହେଲା ବୋଲି ସେମାନେ କହିଥିଲେ। ତେବେ ଆଜି ବରିଷ୍ଠ ନେତାମାନେ ନବୀନ ନିବାସ ଯିବାର ଯଥେଷ୍ଟ ପୂର୍ବରୁ ପ୍ରସନ୍ନ ଆଚାର୍ଯ୍ୟ, ଅନଙ୍ଗ ଉଦୟ ସିଂହଦେଓ ଓ କଳିକେଶ ସିଂହଦେଓ ସେଠାରେ ପହଞ୍ଚିଥିଲେ। ସେମାନେ ନବୀନଙ୍କ ସହ କେଉଁ ପ୍ରସଙ୍ଗରେ ଆଲୋଚନା କଲେ ତାହା ସ୍ପଷ୍ଟ ହୋଇ ନାହିଁ। ସେପଟେ ବରିଷ୍ଠ ନେତା ପଦ୍ମନାଭ ବେହେରା ଆଜି ଗଣମାଧ୍ୟମରେ ଅସନ୍ତୋଷ ଝାଡ଼ିଛନ୍ତି। ସେ କହିଛନ୍ତି, ଦଳ ଭିତରେ ଚାଲିଥିବା ଦ୍ୱନ୍ଦ୍ୱରେ ଖୁବ୍ ଶୀଘ୍ର ଯବନିକା ପଡ଼ିବା ଉଚିତ। ଯାହା ସବୁ ହେଉଛି ତାହା ଦଳ ପାଇଁ କ୍ଷତିକାରକ। ପାଣ୍ଡିଆନ ତ ସନ୍ନ୍ୟାସ ନେଲେଣି ବୋଲି ସେ ନିଜେ କହିଛନ୍ତି। ତେଣୁ ତାଙ୍କ ସପକ୍ଷରେ ବାହାରି ମତ ଦେଇ ଦଳକୁ କ୍ଷତି ପହଞ୍ଚାଇବା ଠିକ୍ ହେଉନି। ସେହିପରି ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ମଧ୍ୟ ଦେବାଶିଷ ସାମନ୍ତରାୟଙ୍କ ସପକ୍ଷରେ ବାହାରିଛନ୍ତି। ସାଂସଦମାନେ ଟ୍ୱିଟ୍ କରି ତାଙ୍କୁ ସମାଲୋଚନା କରିବା ଠିକ୍ ହେଲାନି ବୋଲି ସେ କହିଛନ୍ତି। ଆଜି ଆଉ ଏକ ଘଟଣାକ୍ରମେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ଘରେ କିଛି ଯୁବ ନେତା ଏକାଠି ହୋଇଥିଲେ। ଦେବୀରଞ୍ଜନ ତ୍ରିପାଠୀ, ରୁଦ୍ରପ୍ରସାଦ ମହାରଥୀ, ବିଷ୍ଣୁବ୍ରତ ରାଉତରାୟ, ଚନ୍ଦ୍ରସାରଥୀ ବେହେରା, ସମ୍ବିତ ରାଉତରାୟ, ପ୍ରଣବ ବଳବନ୍ତରାୟ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେମାନେ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବେ ବୋଲି ସମୟ ମାଗିଥିଲେ। କିନ୍ତୁ ତିନି ଦିନ ପର୍ଯ୍ୟନ୍ତ ସଭାପତି କାହାକୁ ଭେଟିବେ ନାହିଁ ବୋଲି ନବୀନ ନିବାସରୁ କୁହାଗଲା। ଏଥିରେ ସେମାନେ ଅସନ୍ତୁଷ୍ଟ ହୋଇ ଶଙ୍ଖ ଭବନ ଯାଇଥିଲେ। ସେଠାରେ ଦେବୀ ମିଶ୍ରଙ୍କ ସାମନାରେ ଏ ନେଇ ଅସନ୍ତୋଷ ଜାହିର କରିଥିଲେ। ବରିଷ୍ଠ ନେତାମାନେ ଭେଟି ପାରୁଥିଲା ବେଳେ ଆମ୍ଭେମାନେ କାହିଁକି ଭେଟିପାରିବୁନି ବୋଲି ପ୍ରଶ୍ନ କରିଥିଲେ। ତିନି ଚାରି ଦିନ ଭେଟିବାକୁ ମନା ହୋଇଛି ବୋଲି ଶ୍ରୀ ମିଶ୍ର କହିଥିଲେ। ନିକଟରେ ଉପସ୍ଥିତ ଥିବା ବିଧାୟକ ଅରୁଣ ସାହୁ ଏଥିରେ ହସ୍ତକ୍ଷେପ କରିଥିଲେ। ଯୁବନେତାମାନେ ହିଁ ଦଳର ଭବିଷ୍ୟତ ଓ ସେମାନଙ୍କୁ ରୋକାଯିବା ଠିକ୍ ନୁହେଁ ବୋଲି କହିଥିଲେ। ଏହା ପରେ ଆସନ୍ତାକାଲି ସେମାନଙ୍କୁ ନବୀନ ନିବାସ ନେଇ ସଭାପତିଙ୍କୁ ସାକ୍ଷାତ କରାଇବାକୁ ଶ୍ରୀ ମିଶ୍ର ଦାୟିତ୍ୱ ନେଇଥିଲେ। ଅନ୍ୟପଟେ ଦେବାଶିଷ ସାମନ୍ତରାୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଗୋଟିଏ ଗୋଷ୍ଠୀ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ଏହାକୁ ଏକ ବଡ଼ ଗୋଷ୍ଠୀ ବିରୋଧ କରୁଛନ୍ତି। ଦେବାଶିଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଭୁଲ୍ ବାର୍ତ୍ତା ଯିବ ବୋଲି ଏମାନେ ଯୁକ୍ତି ବାଢ଼ିଛନ୍ତି। ତେଣୁ ଏ ଦିଗରେ କେ?ଣସି ପ୍ରକ୍ରିୟା ଆଗେଇ ପାରି ନାହିଁ। ବିଜୁ ଯୁବ ଜନତା ଦଳର ନେତା ନୀଳମାଧବ ମହାନ୍ତି ଆଜି ଗଣମାଧ୍ୟମରେ ଆଉ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ଭୋଟିଂ ପରଦିନ ଆମେ ସସ୍ମିତ ପାତ୍ରଙ୍କୁ ଫୋନ୍ କରି ପଚାରିଥିଲୁ। ବିବେକ ଅନୁଯାୟୀ ଭୋଟ୍ ଦେବାକୁ ଆମକୁ ମାନସ ମଙ୍ଗରାଜ କହିଥିବା ଶ୍ରୀ ପାତ୍ର ଆମକୁ ସୂଚନା ଦେଇଥିଲେ। ମାନସ ମଙ୍ଗରାଜ ବିଜେପି ସହ ଡିଲ୍ କରିଛନ୍ତି। ସେମାନେ ଚାହୁଛନ୍ତି ବିଜେଡି ଶେଷ ହୋଇଯାଉ। ତେବେ ଏହି ଅଭିଯୋଗକୁ ଶ୍ରୀ ମଙ୍ଗରାଜ ଖଣ୍ଡନ କରିଛନ୍ତି। ସସ୍ମିତ ପାତ୍ରଙ୍କ ସହ ତାଙ୍କର କୌଣସି ବାର୍ତ୍ତାଳାପ ସେ ଦିନ ହୋଇ ନାହିଁ। ସେ କେବେ ବି ଏପରି କହି ନଥିବେ। ସେ ବିଦେଶରୁ ଫେରିଲା ପରେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇପାରିବେ। କିନ୍ତୁ ଯେଉଁ ନେତା ଜଣଙ୍କ ଏପରି ମନ୍ତବ୍ୟ ଦେଉଛନ୍ତି, ତାହାଙ୍କୁ ସେ ଚିହ୍ନିନାହାନ୍ତି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

## ନବୀନ ନିବାସରେ ବରିଷ୍ଠ ନେତାଙ୍କ ବେଠକ

## କେସିଙ୍ଗାରେ ବାଇପାସ ରାସ୍ତା ପ୍ରସଙ୍ଗ

# ସଡ଼କ ପରିବହନ ମନ୍ତ୍ରୀ ଓ ତତ୍କାଳୀନ ବିରୋଧିଦଳ ନେତାଙ୍କ ଗୃହୀତ ପ୍ରସ୍ତାବକୁ ବେଖାତିର





କେସିଙ୍ଗା,୯/୪(ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଠାରୁ କେସିଙ୍ଗା ପର୍ଯ୍ୟନ୍ତ ଚାରି ଲେନ ବିଶିଷ୍ଟ ରାସ୍ତା ମଞ୍ଜୁର ହୋଇ ଜମି ଅଧିଗ୍ରହଣ ହେବା ଓ ଜମି ଅଧିଗ୍ରହଣ ପାଇଁ ମ୍ୟାପ ଜାରିହେବା ଦିନଠାରୁ କେସିଙ୍ଗା ଅଞ୍ଚଳ ରେ ଅସନ୍ତୋଷ ର ଦାନା ବାନ୍ଧିବାରେ ଲାଗିଛି । ଏନେଇ ଗତ ଗୁରୁବାର ଦିନ ଟ୍ରାଫିକ ସମସ୍ୟାକୁନେଇ ଏକ ସମନ୍ୱୟ ବୈଠକ କେସିଙ୍ଗା ଏନଏସି ରେ ତାର ଆଭାସ ମିଳିସାରିଛି। କେସିଙ୍ଗା ରେ ବାଇପାସ ରାସ୍ତା ର ସମାଧାନ ନ ହେବାଯାଏ ଯୋଲକୋ ଠାରୁ କେସିଙ୍ଗା ଆରଓବି ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କରିବାକୁ ଦିଆଯିବ ନାହିଁ ବୋଲି କେସିଙ୍ଗାର ଜନତା ଓ ବିଭିନ୍ନ ସଙ୍ଗଠନ ପରୋକ୍ଷ ରେ ପ୍ରଶାସନଙ୍କୁ ନିଜର ଆଭିମୁଖ୍ୟ ଜାହିର କରିଛନ୍ତି। ବର୍ଷ ବର୍ଷ ଧରି କେସିଙ୍ଗା ସହରରେ ରେଳ ଫାଟକ ବନ୍ଦ ହେବା ଯୋଗୁଁ ଘଣ୍ଟା ଘଣ୍ଟା ଧରି ଯାମ ଲାଗି ରହୁଥିବାରୁ ଆଜକୁ ୧୫ ବର୍ଷ ପୂର୍ବେ ଲୋକେ ସରକାରଙ୍କ ଠାରେ କୁରଲୁ ପଡା ଠାରୁ ଯୋଲକୋ ପର୍ଯ୍ୟନ୍ତ ଏକ ରେଳ ଓଭର ବ୍ରିଜ ଓ ବାଇପାସ ରାସ୍ତାର ପରି କଳ୍ପନା କରି କେସିଙ୍ଗା ଠାରେ ଏକ ରେଳ ଓଭର ବ୍ରିଜ ଓ ବାଇପାସ ର ଦାବୀ ଉଠାଇ ଥିଲେ ତେବେ ଲୋକଙ୍କ ଆବଶ୍ୟକ କୁ ସରକାର ଅନୁଧ୍ୟାନ କରି କେସିଙ୍ଗା ଠାରେ ଏକ ରେଳ ଓଭର ବ୍ରିଜ ଓ ବାଇପାସ ରାସ୍ତା ପାଇଁ ୨୫୪ କୋଟି ଟଙ୍କା ଅନୁମୋଦନ ହେଲା । ହେଲେ ଜମି ଅଧିଗ୍ରହଣ ଟଙ୍କାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଅସାମଞ୍ଜସ୍ୟ ଯୋଗୁଁ ପାଖାପାଖି ୧୦ ବର୍ଷ ଅନୁଦାନ ପଡିରହି ଫେରିଯାଇଥିଲା । ହେଲେ ବାରମ୍ବାର ରେଳ ଫାଟକ ବନ୍ଦ ହେବାଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇ ଆସୁଥିଲେ। ଫଳରେ ସରକାରଙ୍କ ଠାରେ ଜୋରସୋରରେ ଏକ ଅଣ୍ଡର ବ୍ରିଜର ଦାବୀ ଉପସ୍ଥାପନା କଲେ । ଏବଂ ୨୪ ଦିନ ଧରି ଗଣ ଆନ୍ଦୋଳନ କରିଥିଲେ ଫଳ ସ୍ୱରୂପ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଅନୁଦାନକୁ ଅପେକ୍ଷା ନକରି ନିଜଆଡୁ ୩୨୬ କୋଟି ଟଙ୍କା ଅନୁମୋଦନ କରି ତହସିର ରୁ ଯୋଲକୋ ପର୍ଯ୍ୟନ୍ତ ରେଳ ଓଭର ବ୍ରିଜ ଓ ବାଇପାସ ରାସ୍ତା ମଞ୍ଜୁର ହୋଇଥିବା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ପୂର୍ବତନ ବିରୋଧି ଦଳ ନେତା ପ୍ରଦୀପ୍ତ ନାଏକଙ୍କ ପ୍ରସ୍ତାବ ଚିଠିକୁ ଉଲ୍ଲେଖ କରି ବାଲେଶ୍ୱର ଓ କେସିଙ୍ଗା ରେ ତହସିର ଠାରୁ ଯୋଲକୋ ପର୍ଯ୍ୟନ୍ତ ରେଳ ଓଭର ବ୍ରିଜ ଓ ବାଇପାସ ରାସ୍ତା ମଞ୍ଜୁର ହୋଇଥିବା ନିଜ ଟୁଇଟର ହେଣ୍ଡଲ ଓ ଫେସବୁକରୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରି ଙ୍କୁ ଉଭୟ ସହର ପାଇଁ ଅନୁଦାନ ମଞ୍ଜୁର କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଇ ଖୁସି ଜାହିର କରିଥିବା କେନ୍ଦ୍ର ରାଜପଥ ବିଭାଗ ୱେବସାଇଟ ରୁ ସୂଚନା ମିଳିଛି। ତେବେ ପୂର୍ବତନ ବିରୋଧି ଦଳ ନେତା ଙ୍କ ଦେଇଥିବା ପ୍ରସ୍ତାବ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ଲାନ କୁ ବଦଳେଇ କିଛି ଲୋକଙ୍କୁ ଫାଇଦା ଦେବାପାଇଁ ରାତି ଅଧିଆ ପ୍ଲାନକୁ ବଦଳେଇ କେସିଙ୍ଗା ସହର ଭିତରେ ପ୍ରବେଶ କରେଇ କେସିଙ୍ଗା ସହର ମଧ୍ୟବର୍ତ୍ତୀ ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ବାହାର କରି ଜୁନାଗଡ଼ କେସିଙ୍ଗା ଚାରିଲେନ ରାସ୍ତା ସହ ସଂଯୋଗ କରୁଥିବା ବର୍ତମାନ ରାଜପଥ ବିଭାଗ ଦ୍ୱାରା ଜାରି ହୋଇଥିବା ମ୍ୟାପ ରୁ ସ୍ପଷ୍ଟ ହୋଇଛି । ତେଣୁ ବର୍ତମାନ ନିର୍ମାଣଧିନ ଆରଓବି ହିଁ କେସିଙ୍ଗା ପାଇଁ ବାଇପାସ ବୋଲି ଚିତ୍ର ସାମ୍ନା କୁ ଆସୁଅଛି । କିଛି ଲାଞ୍ଚୁଆ ଅଧିକାରୀ ଲୋକଙ୍କ ଦାବିକୁ ଅଣଦେଖା କରି ସହରର ମଧ୍ୟବର୍ତ୍ତୀ ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ରେଳ ଓଭର ବ୍ରିଜ ରାସ୍ତା କୁ ସଂଯୋଗ କରେଇ କେସିଙ୍ଗା ଜନସାଧାରଣଙ୍କୁ ମରଣମୁହଁ କୁ ଠେଲି ଦେଇଛନ୍ତି ବୋଲି କେସିଙ୍ଗା ସାଧାରଣ ଜନତା ଜୋରସୋରରେ ବିରୋଧ ଜାହିର କରିଛନ୍ତି । ଯଦି ରେଳ ଓଭର ବ୍ରିଜ ରାସ୍ତା ସହ ଜୁନାଗଡ଼ କେସିଙ୍ଗା ଚାରି ଲେନ ରାସ୍ତା ସଂଯୋଗ ହୁଏ ତାହେଲେ ଭୟାଭୟ ସ୍ଥିତି ଉପୁଜିବ ବୋଲି ଲୋକେ ଏବେ ଠାରୁ ଆଶଙ୍କା ରେ ଅଛନ୍ତି। କାରଣ ଇଣ୍ଡିଆନ ପେଟ୍ରୋଲ ପମ୍ପ ଠାରୁ ବୋରିଙ୍ଗପଦର ମଧ୍ୟରେ ମାସକୁ ଚାରିରୁ ପାଞ୍ଚ ଟି ଦୁର୍ଘଟଣା ଘଟି ଲୋକେ ମୃତ୍ୟୁ ମୁଖରେ ପଡୁଛନ୍ତି । ଯଦି ଚାରି ଲେନ ରାସ୍ତା ଏଠାରେ ସଂଯୋଗ ହୁଏ ତାହେଲେ କେବଳ ଲୋକେ ଦୁର୍ଘଟଣା ର ଶିକାର ହେବେ ନାହିଁ ବରଂ ପିମ୍ପୁଡି ଓ ମାଛି ପରି ମରିବେ ବୋଲି ବର୍ତ୍ତମାନରୁ ଲୋକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ଏନେଇ ଲୋକଙ୍କ ଆବେଗ କୁ ଦୃଷ୍ଟି ରେ ରଖି କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟି ଓ ସଚେତନ ନାଗରିକ ମଞ୍ଚ ଦ୍ୱାରା କଳାହାଣ୍ଡି ଜିଲ୍ଲାପାଳ, ଲୋକସଭା ସାଂସଦ, ରାଜ୍ୟସଭା ସାଂସଦ, ମୁଖ୍ୟମନ୍ତ୍ରୀ,ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ଙ୍କୁ ସାକ୍ଷାତ କରି କେସିଙ୍ଗା ରେ ଏକ ବାଇପାସ ରାସ୍ତା ନିର୍ମାଣ ପାଇଁ ଦାବୀ କରିଛନ୍ତି ହେଲେ ପ୍ରଶାସନିକ ସ୍ତରରେ ବର୍ତମାନ ଲୋକଙ୍କ ଦାବିକୁ ଅଣଦେଖା କରି ଲୋକେ ଚାହୁଁନଥିବା ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଶେଷରେ ବାଧହୋଇ ଆନ୍ଦୋଳନ ର ସାହାରା ହିଁ ଆମର ବିକଳ୍ପ ବୋଲି ଜନ ସାଧାରଣ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଶୁଣିବାକୁ ମିଳିଛି।

# ଖଣି ଅଞ୍ଚଳରେ ମୁଣ୍ଡ ଗୁଞ୍ଜିବାକୁ ନାହିଁ ଚାଳ ଛପର ଚିରା ଜରିପାଲ ତଳେ ଆଦିବାସୀ ପରିବାର



କାଳିଆପାଣି ୯/୪(ନି.ପ୍ର): କାଳିଆପାଣି ଖଣି ଅଞ୍ଚଳରେ ବେରୋଗାର ଆଉ ବରକାରୀ ସ୍ରମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପରେ ଗୋଟିଏ ଖଣି ବନ୍ଦ ହୋଇଯିବା ଦ୍ୱାରା ଅନେକ ଲୋକ ରୋଜଗାର ହରାଇଛନ୍ତି କ୍ଷ ରାଁସୋଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଲରଙ୍ଗି ଖଣି ନିକଟବର୍ତ୍ତୀ ବସ୍ତି ଗୁଡିକର ଲୋକେ ଏହାଦ୍ୱାରା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ଓଡିଶା ଖଣି ନିଗମ କଲରଙ୍ଗି କ୍ୟାମ୍ପ ନିକଟରେ ଥିବା ଏକ ଆଦିବାସୀ ପରିବାର ଠାରେ । ଯୋଗେନ୍ଦ୍ର ତିରିଆ ବୟସ ୪୦ବର୍ଷ ଏବଂ ତାଙ୍କ ସ୍ତ୍ରୀ ମୁନି ତିରିଆ ୨ ଝିଅ ଏବଂ ଗୋଟିଏ ସିପୁତ୍ର ଙ୍କ ସହିତ ସେଠାରେ ଥିବା ଏକ ଭଙ୍ଗା କାନ୍ଥ ଆଉ ଚିରା ଜରିପାଲ ତଳେ ଦୀର୍ଘ ବର୍ଷ ହେଲା ରହିଆସୁଛନ୍ତି । ଯୋଗେନ୍ଦ୍ରଙ୍କ ବାପା ଶ୍ରୀ ଗାଜୁ ତିରିଆ ସେହିଠାରେ ୯୦ ଦଶକରେ ଏକ ଲୋଡିଂ ଲେବର ହିସାବରେ କାମ କରୁଥିଲେ ଏବଂ ସେହିଠାରେ ଘରକରି ରହିଆସୁଥିଲେ । ତାଙ୍କ ମୃତୁ ପରେ ପୁଅ ଯୋଗେନ୍ଦ୍ର ଏକ ଦିନ ମଜୁରିଆ ହିସାବରେ ଆଖପାଖ ଗାଁ ଗଣ୍ଡା ଗୁଡିକରେ କାମକରି ଜୀବିକା ନିର୍ବାହ କରିଥାନ୍ତି । ଏବେ ସେହି ଘରର କାନ୍ଥ ଗୁଡିକ ସମ୍ପୂର୍ଣ ଭାଙ୍ଗି ମାଟିରେ ମିଡିଯାଇଛି ଏବଂ ସେ କେବଳ କେତେଖଣ୍ଡ କାଠ କୁ ଯୋଡି ଏକ ଚିରା ଜରିକୁ ଉପରେ ଘୋଡାଇଦେଇ ତାହାରି ଭିତରେ ରହୁଛନ୍ତି କ୍ଷ ସ୍ତ୍ରୀ ମୁନି ତିରିଆ ଏବଂ ୩ ଟି ସନ୍ତାନ ଙ୍କ ସମେତ ୫ ପ୍ରାଣୀ ଖରା ବର୍ଷା ଶୀତ କାକର ସେହି କୁଡ଼ିଆ ଭିତରେ ରହିବାକୁ ବାଧ୍ୟ ହୋଇଛନ୍ତି। ଦରିଦ୍ରତାର ଚରମ ଉତ୍ପୀଡ଼ନାରେ ପେଷି ହୋଇଥିବାରୁ କେବଳ ପେଟପାଇଁ ବହୁ କଷ୍ଟରେ ଦିନକୁ ଦୁଇମୁଠା ଖାଇବାର ଯୋଗାଡ଼ କରିପାରନ୍ତି ।ସେ ମାତ୍ର ଭଙ୍ଗା କାନ୍ଥକୁ ଯୋଡିବାର ସାମର୍ଥ୍ୟ ନଥିବାରୁ ସେହି ଚିରା ଜରିପାଲ କୁ ହିଁ ଏକମାତ୍ର ଭରସା କରି ରହୁଛନ୍ତି ସେ ପରିବାର ର ୨ ଜଣଙ୍କ ଆଧାର ଏବଂ ଭୋଟର କାର୍ଡ ରହିଥିଲେ ହେଁ ତାଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ସୁଯୋଗ ମିଳିପାରିନାହିଁ ଏବଂ ତାଙ୍କୁ ସରକାରଙ୍କ ଯୋଜନା ଅନୁଯାଇ ଏକ ପ୍ରଧାନମନ୍ତ୍ରୀ ଆବାସ ଘର ଟିଏ ଯୋଗାଇ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି ।

# ସିଆରପିଏଫ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ



ଲାଞ୍ଜିଗଡ଼,୯/୪(ନି.ପ୍ର):ଓଡିଶା ସେକ୍ଟର ତଥା ଦ୍ୱାଦଶ ବାଟାଲିୟନ କମାଣ୍ଡେଣ୍ଟ ନନ୍ଦ କିଶୋର କୁମାର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଆଜି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ସ୍ଥିତ ଗୋଇପିଟା ଠାରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛିକ୍ଷ ଦ୍ୱାଦଶ ବାଟାଲିୟନ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସର କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଲୋକଙ୍କୁ ରୋଜଗାର ସୁଯୋଗ ସୃଷ୍ଟି କରିବା, ଜନସାଧାରଣଙ୍କୁ ସଚେତନ କରାଇବା ଜନସମ୍ପର୍କରେ ଉନ୍ନତି ଆଣିବା ଏବଂ ଗ୍ରାମବାସୀଙ୍କୁ ଦେଶର ସ୍ୱାର୍ଥରେ ସର୍ବଦା ସଠିକ୍ ପଥ ଅନୁସରଣ କରିବା ଓ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜି ପଞ୍ଚାୟତ ସରପଞ୍ଚ ଯମୁନା ମାଝୀ ଯୋଗଦେଇଥିବା ବେଳେ ସନ୍ମାନୀତ ଅତିଥି ଭାବେ ବେନଗାଁ ସରପଞ୍ଚ ପୁରାଣା ମାଝୀ ଯୋଗଦେଇଥିଲେ ।କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ କମାଣ୍ଡେଣ୍ଟ ଶ୍ରୀ ପ୍ରସାଦ କହିଛନ୍ତି ଯେ' ଗ୍ରାମ ବାସୀମାନେ ନିଜ ଦେଶର କଲ୍ୟାଣ ଓ ବିକାଶ ପାଇଁ ପ୍ରଶାସନ ତଥା ସରକାରଙ୍କୁ ସମର୍ଥନ କରିବା ଆବଶ୍ୟକତା ରହିଛି ବୋଲି ଗାଁର ଲୋକଙ୍କୁ ସମ୍ବୋଧିତ କରିଥିବା ବେଳେ ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ୍ ବିଷୟରେ ସୂଚନା ଦେଇଥିଲେ ଏବଂ ସମାଜ ତଥା ଦେଶର ବିକାଶ ପାଇଁ ସ୍ୱୟଂ ନିଯୁକ୍ତି ପାଇବାକୁ ଗ୍ରାମ ବାସୀଙ୍କୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ପୁରୁଷ,ମହିଳା ଏବଂ ଯୁବକଙ୍କୁ ଧୂପକାଠି,ମହମବତୀ ଓ ବାଢ଼େଇ ଉପକରଣ ସମେତ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦ୍ୱାଦଶ ବାଟାଲିୟନର ମେଡିକାଲ୍ ଅଫିସର ମାଧବ କୁମାର ଉପସ୍ଥିତ ସମସ୍ତ ଲୋକଙ୍କୁ ସଚେତନ କରିଥିଲେ।

# ମାଲଗୋଦାମ ପଡ଼ାରେ ଏଲଡିଏ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ବଡ ଆନ୍ଦୋଳନ ପାଇଁ ପଡ଼ାବାସୀ ଦେଲେ ସୂଚନା




ତୁଷୁରା, ୯/୪(ନି.ପ୍ର):ଶମ୍ଭୁ ପ୍ରସାଦ ସାହୁ :ବଲାଙ୍ଗିର ସହର ୧୭ ନମ୍ବର ୱାର୍ଡ ମାଲଗୋଦାମ ପଡ଼ାର ମୁଖ୍ୟ ରାସ୍ତାକୁ ରେଲୱେ ବିଭାଗ ବନ୍ଦ କରିଦେଇଛି। ଯାହାଫଳରେ ମାଲ ଗୋଦାମ ପଡା ବାସୀ ବର୍ତ୍ତମାନ ନିଷ୍ଠୁରତା,ଅତ୍ୟାଚାର,ପାତର ଅନ୍ତର ନୀତି ଏବଂ ରାଜନୈତିକ ପ୍ରତିଶୋଧ ପରାୟଣ ମନୋଭାବ ନେଇ ବନ୍ଦ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ପଡ଼ା ବାସୀ ।ଏବଂ ରାସ୍ତା ନ ଦେଲେ ବଡ ଆନ୍ଦୋଳନ କରି ଲଢେଇ କରିବା ପାଇଁ ଏଲଡିଏ ସଂଗଠନ ନେତୃତ୍ୱରେ ୨୭ ମାର୍ଚ୍ଚ ୨୦୨୫ ରେ ବଲାଙ୍ଗିର ରେଳ ଷ୍ଟେସନ ଠାରେ ରୋକ ଆନ୍ଦୋଳନ ସହ ସାମୁହିକ ଜେଲ ଭାରୋ ଆନ୍ଦୋଳନ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ମାଲଗୋଦାମ ପଡ଼ା ୧୯୬୨ ମସିହାରୁ ସ୍ଥାପିତ ହୋଇଛି ।ଏବଂ ଏହିପଡ଼ା ର ଲୋକମାନେ ବଲାଙ୍ଗିର ରେଳ ଷ୍ଟେସନ ନିର୍ମାଣ ହେବା ସମୟ ରେ ଶ୍ରମିକ ଭାବେ କାମ କରୁଥିଲେ। କିନ୍ତୁ ବର୍ତ୍ତମାନ ପ୍ରଶାସନ ପକ୍ଷରୁ ପଡାକୁ ଯିବା ଆସିବା କରିବାପାଇଁ ୧୯୬୨ ମସିହା ରୁ ବ୍ୟବହୃତ ରାସ୍ତା କୁ ବନ୍ଦ କରି ଦିଆଯାଇଛି। ଯାହାଦ୍ୱାରା ପଡ଼ାର ଲୋକ ଙ୍କୁ ବଲାଙ୍ଗିର ସହର କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଏବଂ ବଲାଙ୍ଗିର ସହର କୁ ଯିବା ଆସିବା କରିବାପାଇଁ ପ୍ରାୟ ୧୦ କି:ମି ଅତିକ୍ରମ କରିବାକୁ ପଡିବ ।ଯାହା ଫଳରେ ଛାତ୍ର ଛାତ୍ରୀ ଙ୍କ ଶିକ୍ଷା ,ଲୋକଙ୍କ ରୋଜଗାର, ସ୍ୱାସ୍ଥ୍ୟ ଏବଂ ଦୈନିକ ଜୀବନରେ ଏହାର ବହୁତ ନକାରାତ୍ମକ ପ୍ରଭାବ ପଡ଼ିବ ଏବଂ ଲୋକଙ୍କ ଜୀବନ ବଞ୍ଚିବା ପ୍ରକିୟା ସରଳ ,ସୁଗମ ଉତ୍କୃଷ୍ଟ ହେବା ପରିବର୍ତ୍ତେ ଜଟିଳ ଦୁର୍ଗମ ଏବଂ ନିକୃଷ୍ଟ ମାନର ହେବ। କିନ୍ତୁ ନିର୍ବାଚନ ସମୟରେ ଏହି ପଡ଼ା ବାସ ବର୍ତ୍ତମାନ ର ସରକାରୀ ଦଳକୁ ଭୋଟ ନ ଦେବା ଯୋଗୁଁ ରାସ୍ତା ବନ୍ଦ କରି ପ୍ରତିଶୋଧ ନିଆଯାଉଛି ବୋଲି ପଡାବାସୀ ଅଭିଯୋଗ କରୁଛନ୍ତି। ଅପରପକ୍ଷରେ ଏହି ପପଡାର ଉଜ୍ଜଳ ଭବିଷ୍ୟତ ପାଇଁ ୧୦ ଜଣ ବୃଦ୍ଧ ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଆତ୍ମ ଦାହ ଦେବାକୁ ବାଧ ହେବେ ।ଯାହାର ସ୍ୱର ସମଗ୍ର ଦୁନିଆ ରେ ଶୁଭିବ ଏବଂ ଓଡ଼ିଶା ବିଧାନ ସଭା ଓ ଦେଶର ପାର୍ଲିଆମେଣ୍ଟ ରେ ଉଠୀବ ତଥା ପ୍ରଶାସନ ର ଅସଲି ଚେହେରା ଦୁନିଆ ସାମନା ରେ ଆସିବ ।ଏଣୁ ଆପଣ ମାନେ ଏହି ବାର୍ତ୍ତା ଲୋକ ଲୋଚନ କୁ ଆଣିବା ସହ ପ୍ରଶାସନ ପାଖକୁ ପହଞ୍ଚାଇ ନ୍ୟାୟ ପ୍ରଦାନ କରିବାରେ ସାହାଯ୍ୟ ହେବା ପାଇଁ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରେ ପଡାବାସୀଙ୍କ ସହିତ ଏଲଡିଏ ର ସଭାପତି ରାମନାଥ ବାଗ ସଂପାଦକ ପୁରୁନ୍ଦର ନାଗ, ଗଦାଧର ବାରିକ୍,ହରି ନନ୍ଦ ସମାଜ ସେବୀ ସରୋଜ ମେସ୍ୟା,ବହୁଜନ ସାମାଜ ପାର୍ଟି ର ପୂର୍ବତଟ ଜିଲ୍ଲା ସଭାପତି ଘନଶ୍ୟାମ କୁମ୍ଭାର, ରୋହିତ ନନ୍ଦ,ପ୍ରେମାନନ୍ଦ କୁମ୍ଭାର, ସରୋଜ ବାରିକ,ଦନାର୍ଦ୍ଦନ କୁମ୍ଭାର ଙ୍କ ସହିତ ଶତାଧିକ ମହିଳା ପୁରୁଷ ମାନେ ସାମିଲ ହୋଇଥିଲେ।

# ବାଲେଶ୍ୱର ଆଲୋଏଜ ବିରୁଦ୍ଧରେ ଶ୍ରମିକଙ୍କ ଗଣ ଧାରଣା

## ୩ ଦଫା ଦାବିକୁ ନେଇ ଅଟଳ ଓଡିଶା ମାଇନିଙ୍ଗ ୱାର୍କର୍ଷ ୟୁନିଅନ



କାଳିଆପାଣି ୯/୪(ନି.ପ୍ର):କାଳିଆପାଣି ସ୍ଥିତ ବାଲେଶ୍ୱର ଆଲୋଏଜ ଲିମିଟେଡ଼ ର ମୁଖ୍ୟ ଫାଟକ ସମ୍ମୁଖରେ ଖଣି ଶ୍ରମିକ ମାନେ ଧାରଣାରେ ବସିଥିବାର ଦେଖିବାକୁ ମିଳିଛି । ଦୀର୍ଘ ବର୍ଷରୁ ଲୋଡ଼ିଂ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିବା ଶ୍ରମିକ ମାନଙ୍କ ୩ ଦଫା ଦାବି ପୂରଣ କୁ ନେଇ ଏହି ଗଣ ଧାରଣା ଆରମ୍ଭ ହୋଇଛି । ସମସ୍ତ ଶ୍ରମିକ ମାନଙ୍କୁ ଏ ରେଜେଷ୍ଟ୍ରି ଭୁକ୍ତ ତୁରନ୍ତ କରାଯିବା,ସମସ୍ତ ଶ୍ରମିକ ମାନଙ୍କ ପିଏଫ, ବୋନସ ଏବଂ ବକେୟା ରାଶି ପ୍ରଦାନ ଓ ଦୀର୍ଘ ବର୍ଷ ରୁ ବକେୟା ପଡ଼ିଥିବା ଦରମା ତୁରନ୍ତ ପ୍ରଦାନ କରିବା ଦାବିରେ ଏହି ଧାରଣା ଦିଆଯାଇଛି। ସ୍ମରଣ ଥାଉକି ଏହି କମ୍ପାନୀ ରେ ଦୀର୍ଘ ୨୪ ବର୍ଷ ଧରି ଲୋଡ଼ିଂ ଶ୍ରମିକ ଭାବେ କାର୍ଯ୍ୟ କରିଆସୁଥିବା ଶ୍ରମିକ ମାନଙ୍କୁ ଗତ କୋଭିଡ ୧୯ ପରେ ସମୁଦାୟ ୧୮୦ ଜଣ ଶ୍ରମିକ ଙ୍କୁ ଛଟେଇ କରି କମ୍ପାନୀ ମେସିନ ଦ୍ୱାରା ଲୋଡ଼ିଂ କାର୍ଯ୍ୟ ଆରମ୍ଭ କରିଥିଲା । ଏବଂ ସେବେଠାରୁ ସେହି ଛଟେଇ ଶ୍ରମିକ ମାନଙ୍କ ଦରମା, ପିଏଫ,ବୋନସ ଏବଂ ଛୁଟି ବକେୟା ରାଶି କମ୍ପାନି ପ୍ରଦାନ କରିନାହିଁ କ୍ଷ ଏତଦ ବ୍ୟତୀତ ଏହି ଖଣିରେ ପୂର୍ବରୁ କାର୍ଯ୍ୟ କରୁଥିବା ଶହଶହ କର୍ମଚାରୀ ମାନଙ୍କ ଦରମା ଏବଂ ଅନ୍ୟାନ୍ୟ ବକେୟା ରାଶି ଆଜିଯାଏଁ ବାକି ରହିଥିବାର ଅଭିଯୋଗ ଅଛି । କମ୍ପାନୀ ର ଏତାଦୃଶ୍ୟ ଦମନ ଏବଂ ଶ୍ରମିକ ଶୋଷଣ ନୀତିଯୋଗୁଁ ଆଜି ବାଧ୍ୟ ହୋଇ ନବନିର୍ମିତ ଶ୍ରମିକ ସଂଗଠନ ଓଡିଶା ମାଇନିଂ ୱାର୍କର୍ଷ ୟୁନିଅନ ତରଫରୁ ଏହି ଗଣ ଧାରଣା ଆରମ୍ଭ କରାଯାଇଛି ଏବଂ ସମସ୍ତ ଦାବି ପୂରଣ ନହେବାଯାଏଁ ଏହା ଚାଲୁ ରହିବ ବୋଲି ଏହାର ସାଧାରଣ ସମ୍ପାଦକ ତଥା ଶ୍ରମିକ ନେତା ଶ୍ରୀ ଅମଳେନ୍ଦୁ ବେହୁରା ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବ ସରକାର ସମୟରେ କମ୍ପାନୀ ମାନଙ୍କ ସହିତ ମିଳିମିଶି ଅନ୍ୟ ଶ୍ରମିକ ସଂଗଠନ ଯେଉଁ ଦମନ ଲୀଳା ଏବଂ ଶୋଷଣ କରିଆସୁଥିଲେ ତାହା ବର୍ତ୍ତମାନ ଆଉ କରାଇ ଦିଆଯିବ ନାହିଁ କ୍ଷ ସମସ୍ତ ଖଣି ଶ୍ରମିକ ମାନଙ୍କୁ ତାଙ୍କର ନାର୍ଯ୍ୟାଦାବି ନିଶ୍ଚୟ ପୂରଣ କରାଯିବ ବୋଲି ଦୃଢୋକ୍ତି ଜଣାଇଛନ୍ତି । ଆଜି ଗଣ ଧାରଣା ରେ ଖଣି ଅଞ୍ଚଳର ଏବଂ ଏହି ଖଣିରେ କାର୍ଯ୍ୟରତ ଶ୍ରମିକ ମାନେ ସାମିଲ ହୋଇଥିଲେ ଏବଂ ଭୋର ସକାଳୁ କମ୍ପାନୀର ମୁଖ୍ୟ ଫାଟକ କୁ ବନ୍ଦ କରିଦେଇଥିଲେ । ଶ୍ରମିକ ମାନଙ୍କ ଦାବି ପୂରଣ ନହେବାଯାଏଁ କିମ୍ପାନୀର କୌଣସି କାର୍ଯ୍ୟ କରାଇ ନଦେବାକୁ ଚେତାବନୀ ଦେଇଛନ୍ତି କ୍ଷ ଆଇନ ଶୃଙ୍ଖଳା ବ୍ୟାଘାତ ଆଶଙ୍କାରେ କାଳିଆପାଣି ପୋଲିସ କମ୍ପାନୀ ଗେଟ ସମ୍ମୁଖରେ ପଇଁତରା ମରୁଥିବାର ଦେଖିବାକୁ ମିଳିଛି । ନୂତନ ଶ୍ରମିକ ସଂଗଠନ ର ଅନେକ କାର୍ଯ୍ୟକର୍ତା ସର୍ବଶ୍ରୀ ମନୋଜ ମହାନ୍ତ, ଲମ୍ବୋଦର ମହାନ୍ତ, ଦୀପକ ପାତ୍ର, ବେଣୁଧର ମହାକୁଡ଼, ରବି ସାହୁ, ଧୀରେନ୍ଦ୍ର ଦେହୁରି, କୁନା ମହାନ୍ତ, ଚିନୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କୋଟପାଡ଼ ଠାରେ ଦୀର୍ଘ ୧୯ବର୍ଷ ପରେ ମହାଆଡମ୍ବରରେ ପାଳିତ ହେଉଛି ବାଲିଯାତ୍ରା



କୋଟପାଡ଼ ୯/୪(ନି.ପ୍ର): କୋଟପାଡ଼ ଅଞ୍ଚଳରେ ଦୀର୍ଘ ୧୯ବର୍ଷ ବ୍ୟବଧାନରେ ପାଳିତ ହେଉଛି ବାଲିଯାତ୍ରା ୨୦୨୫। ଏହି ବାଲିଯାତ୍ରା ବହୁ ଆଡମ୍ବର ଓ ନିଆରା ଢଙ୍ଗରେ ପାଳିତ ହେଉଛି,ଏହି ବାଲିଯାତ୍ରା କମିଟି ର ସଭାପତି ହେଉଛନ୍ତି ମଣି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ହେଉଛନ୍ତି ଗଣେଶ ପଣ୍ଡା ଓ ଅନ୍ୟ ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ବେଶ ସୁନ୍ଦର ଓ ମହାଆଡମ୍ବରରେ ଅନୁଷ୍ଠିତ ହେଉଛି, କୋଟପାଡ଼ ଅଞ୍ଚଳର ସମସ୍ତ ଅଞ୍ଚଳବାସୀଙ୍କ ସହାୟତାରେ ଏହି ବର୍ଷ ପ୍ରସିଦ୍ଧ ବାଲିଯାତ୍ରା ୨୦୨୫ ଆୟୋଜନ କରାଯାଉଛି।

ଆସନ୍ତୁ ଦେଖିବା ଏହି ବାଲିଯାତ୍ରାର ବିଶେଷତ୍ୱ ଓ ମହତ୍ୱ ଆସନ୍ତୁ ଦେଖିବା କୋଟପାଡ଼ ପରି ଏକ ଉପାନ୍ତ ଅଞ୍ଚଳରେ ଏହି ବାଲିଯାତ୍ରା,ଗତ କାଲି ଠାରୁ କୋଟପାଡ଼ ଅଞ୍ଚଳର ସମସ୍ତ ଘର ମାନଙ୍କରୁ ଧାନ ବିହନ ନିଆଯାଇ ସଂଗ୍ରହ କଲା ପରେ ଆସନ୍ତା ୧୧ ତାରିଖ ଦିନ ଶେଷ ଦିନରେ କୋଟପାଡ଼ ମୁଖ୍ୟ ଗାନ୍ଧୀଛକ ଦେଇ କେନ୍ଦୁଗୁଡା ଯାଇ ବାସୁଲି ନୂଆଗୁଡା ଭିମା ପୀଠ କୁ ଯିବେ ଓ ସେଠାରେ ବାଲିଯାତ୍ରା ଶେଷ ହେବ,କିନ୍ତୁ ପ୍ରତେକ ଦିନ ହଜାର ହଜାର ଭକ୍ତଙ୍କ ସମାବେଶରେ ପ୍ରାୟ ୧୪୭ ଦେବା ଦେବୀଙ୍କୁ ଆବାହାନ ପରେ ପୂଜାର୍ଚ୍ଚନକ୍ଷ କରାଯାଇଥାଏ। ଆସନା ଠାରେ ଗୁରୁମାଇଙ୍କୁ ନିମନ୍ତ୍ରଣ କରାଯାଇଥାଏ। ଏହି ବାଲିଯାତ୍ରାର ବିଶେଷତ୍ୱ ହେଲା କେତେକ ଭକ୍ତଙ୍କୁ ଦେବୀ, ଦେବତାଙ୍କ ନାମକରଣ କରାଯାଇଥାଏ ଏବଂ ସେମାନଙ୍କୁ ଦେବୀ ଦେବତାଙ୍କ ପ୍ରସନ୍ନ ପରେ ସେମାନେ ପ୍ରତେକ ଦିନ ମା ଶୀତଳା ମନ୍ଦିର ସମ୍ମୁଖରେ ନାଚି ଥାନ୍ତି, ଏବଂ ଏହି ଦୃଶ୍ୟ ଭାଗ୍ୟରେ ଥିଲେ ମିଳିଥାଏ, କୋଟପାଡ଼ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାବେଶରେ ଉତ୍ସବମୁଖି ହୋଇଥାଏ,ବିଶେଷ କରି କଣ୍ଟା ଥିବା ଦୋଳିରେ ସମସ୍ତ ପ୍ରସନ୍ନ ହେବା ଦେବୋ ଦେବୀ ଭକ୍ତ ମାନଙ୍କୁ ବସନ୍ତି ଓ ଝୁଲନ୍ତି, କୋଟପାଡ଼ ବାଲିଯାତ୍ରା କମିଟିର ସମସ୍ତ କମିଟି ସଦସ୍ୟ ମାନଙ୍କ ଦ୍ୱାରା ସମସ୍ତ ଭକ୍ତ ମାନଙ୍କୁ ନିମନ୍ତ୍ରଣ କରାଯାଉଛି ଏବଂ ସମସ୍ତେ ଆସନ୍ତୁ ଓ ମା ଙ୍କ ଆଶିର୍ବାଦ ନିଅନ୍ତୁ।

# ହଦମୌଦ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨୪ ପ୍ରହର ନାମସଂକିର୍ତ୍ତନ ଯଜ୍ଞ ପ୍ରବଚନ

ବସ୍ତା ୯/୪(ନି.ପ୍ର):ବ୍ଲକ ନଟାକଟା ପଞ୍ଚାୟତ ହଦମୌଦ ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ୪ଦିନଧରି ୨୪ପ୍ରହର ନାମସଂକିର୍ତ୍ତନ ଯଜ୍ଞ ଭାଗବତ କଥାମୃତ ହରିହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ମନ୍ଦିର ପୂଜକ ବାବା ପୁରୁଷୋତ୍ତମ ଦତ୍ତ ମାତା ସତ୍ୟଭାମା ଦେବୀଙ୍କ ତତ୍ତ୍ୱାବଧାନରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ହୋଇଥିଲେ ।ଗତ ୨୦ତାରିଖ ଗୁରୁବାର ରୁ ବିଭିନ୍ନ ପୂଜାବିଧି ଜଗନ୍ନାଥ ଭଜନ ପରିବେଷଣ ମେଳି ହୋଇଥିଲା ।ଅଞ୍ଚଳର ବହୁ ମାନ୍ୟଗନ୍ୟବ୍ୟକ୍ତି ସମେତ ବିଦ୍ୱାନ ପଣ୍ଡିତ ଯୋଗ ଦେଇଥିଲେ । ୨ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ରଘୁନାଥ ଦତ୍ତ, ଅନନ୍ତଦତ୍ତ, ଦି ନକୃଷ୍ଣ ଦତ୍ତ, ଅଶୋକ ଦତ୍ତ ପରିଚାଳନା କରିଥିଲେ । ଚନ୍ଦନ କୁମାର ଦତ୍ତ ଧନ୍ୟବାଦ ଯଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ ।

## ସଂପାଦକୀୟ

# ମାଂସାହାର'ର ବିତର୍କ

ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ରି ବେଳେ ଉତ୍ତରପ୍ରଦେଶରେ ଆମିଷ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବା ପ୍ରସଙ୍ଗ ବିବାଦ ଓ ବିତର୍କ ସୃଷ୍ଟି କରିଛି। ହିନ୍ଦୁ ଧର୍ମରେ ଆମିଷ ଭୋଜନ, ବିଶେଷକରି ପାର୍ବଣ ସମୟରେ ତାମସିକ ଭୋଜନକୁ ବାରଣ କରାଯାଇଥିବା ବେଳେ ଅଣହିନ୍ଦୁ ସମ୍ପ୍ରଦାୟ ଏହି ନିଷ୍ପତ୍ତିକୁ ଘୋର ବିରୋଧ କରୁଛନ୍ତି। ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଦେଶ ଭାରତରେ ଏଭଳି ବାଛବିଚାର ସହଣୀୟ ନୁହେଁ ଏବଂ ଏହା ନାଗରିକର ମୌଳିକ ଅଧିକାରର ପରିପନ୍ଥୀ ବୋଲି ଅଭିଯୋଗ ହେଉଛି। ଉତ୍ତରପ୍ରଦେଶ ସରକାରଙ୍କ ଏଭଳି କଟକଣା ଯୋଗୁଁ ଅନେକ ବ୍ୟବସାୟୀଙ୍କ ପ୍ରବଳ କ୍ଷତି ଘଟିଥିବା ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଛି। ଏଥିରେ ବାସ୍ତବତା କେତେ ତାହା ଭିନ୍ନ କଥା। ଏହି ପ୍ରସଙ୍ଗରେ ତେଜିଥିବା ରାଜନୀତି ଭିତରକୁ ମଧ୍ୟ ଆମେ ଯାଉନାହୁଁ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଖାଦ୍ୟ, ପୋଷାକ, ଚଳଣି, ପସନ୍ଦ ଆଦି ବିଷୟରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବା ଅଧିକାର ଆମ ସମ୍ବିଧାନ ଦେଇଛି। ଏଣୁ ଅତୀତରେ ଚନ୍ଦ୍ରଗ୍ରହଣ କିମ୍ବା ସୂର୍ଯ୍ୟୋପରାଗରେ ଆମିଷ ଆହାର ଗ୍ରହଣ କରିବା ଉଚିତ କି ନୁହେଁ ତାହାକୁ ନେଇ ଭିନ୍ନ ଭିନ୍ନ ମତଧାରୀମାନେ ଦୁଇଭାଗ ହୋଇଯାଇଥିଲେ। ଏ ସବୁରୁ ଊର୍ଦ୍ଧ୍ୱରେ ଆମ ଜୀବନଚର୍ଯ୍ୟାର ଅଭିନ୍ନ ଅଙ୍ଗ ପାଲଟିସାରିଥିବା ବିଭିନ୍ନ ଶାସ୍ତ୍ର ଓ ସଂହିତା ପ୍ରଦତ୍ତ ନୀତି, ଆଦର୍ଶ ଓ ଉପଦେଶକୁ ଅନୁଶୀଳନ କରି ଏବଂ କେତେକ ବାସ୍ତବ ଘଟଣାକୁ ଅନୁଧ୍ୟାନ କରି ବିଚାରକୁ ସୀମିତ ରଖିବାର ପ୍ରୟାସ କରୁଛୁ।

ପ୍ରାଚୀନ କାଳରେ ମନୁଷ୍ୟ ବଣ ପାହାଡ଼ରେ ବିଚରଣ କରୁଥିଲା ଏବଂ ପଶୁଭଳି ଜଙ୍ଗଲରେ ବସବାସ କରୁଥିଲା। ସେଠାରୁ ହିଁ ବୁଲି ଖାଦ୍ୟ ଅନ୍ୱେଷଣ କରୁଥିଲା। ପ୍ରଥମେ ମନୁଷ୍ୟ ଜୀବ ବଧ କରି କଞ୍ଚାମାଂସ ଭକ୍ଷଣ କରୁଥିଲା। କାଳକ୍ରମେ ନିଆଁର ବ୍ୟବହାର ଜାଣିବା ପରେ ଶିଝାଇ, ପୋଡ଼ିକରି ଖାଇବା ଶିଖିଲା। ଆର୍ଯ୍ୟମାନଙ୍କ ଆଗମନ ପରେ ମାନବ ସଭ୍ୟତାରେ ବିବର୍ତ୍ତନ ଘଟିଲା ଏବଂ ଏଭଳି ଯାଯାବର ଜୀବନ ସହିତ ଖାଦ୍ୟାଭ୍ୟାସ ମଧ୍ୟ ନିୟନ୍ତ୍ରିତ ହେଲା। ସଭ୍ୟତାର ସୂର୍ଯ୍ୟାଲୋକରେ ମନୁଷ୍ୟ ଆଲୋକିତ ହେଲା। ସୁସ୍ଥ ନିରାମୟ ଜୀବନ ଯାପନ କରିବା ପାଇଁ ଖାଦ୍ୟପେୟର ନିୟନ୍ତ୍ରଣ ଓ ସୁଷମ ବ୍ୟବସ୍ଥା ଆମର ମୁନିଋଷିମାନେ କରିଛନ୍ତି। ମଣିଷମାନେ ମାଂସ ଭୋଜନ ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ନୀତିଶାସ୍ତ୍ରରେ କୁହାଯାଇଛି। ମୁଖ୍ୟତଃ ଯେଉଁ ପ୍ରାଣୀମାନେ ଓଠରେ ପାଣିପିଅନ୍ତି, ସେମାନେ ମାଂସ ଖାଇବା ଉଚିତ ନୁହେଁ। ଯଥା – ମଣିଷ, ମାଙ୍କଡ଼, ଗାଈ, ଛେଳି-ମେଣ୍ଢା ପ୍ରଭୃତି ମାଂସାହାରୀ ନୁହନ୍ତି। କୁକୁର, ବିରାଡ଼ି, ଶୃଗାଳ, ବାଘ, ସିଂହ ପ୍ରଭୃତି ଜିଭରେ ପାଣିପିଅନ୍ତି। ତେଣୁ ସେମାନେ ମାଂସାହାରୀ। ଉଭୟ ପ୍ରାଣୀଙ୍କର ପାକସ୍ଥଳୀ ତଦନୁସାରେ ନିର୍ମିତ। ପୂର୍ବାଚାର୍ଯ୍ୟମାନେ କହିଛନ୍ତି ଜୀବବଧ କରି ମାଂସ ଭକ୍ଷଣ କଲେ କ୍ଷତି ହୁଏ। ଯଥା –ଅର୍ଥାତ୍- ମାଂସ ଭକ୍ଷଣ କରିବା, ମଦ୍ୟପାନ କରିବା ଏବଂ ମୈଥୁନ କରିବା ଦୋଷ ନୁହେଁ। କାରଣ ଏହା ଭୂତ ବା ଜୀବମାନଙ୍କର ପ୍ରବୃତ୍ତି। କିନ୍ତୁ ଏଥିରୁ ନିବୃତ୍ତ ହେଲେ ମହାଫଳଟି ପ୍ରାପ୍ତ ହେବ। ଯାହା ଶାକାହାରୀ ପାଇ ପାରିବ; ଆମିଷାଦି ଭକ୍ଷଣ କରୁଥିବା ବ୍ୟକ୍ତି ନୁହେଁ। ଓଡ଼ିଆ ଭାଗବତରେ ଗୋଟିଏ ପଦ ଅଛି- 'ଜୀବ ମାରିଣ ମାଂସ ଖାଇ, ସେ ଜୀବ ବୈକୁଣ୍ଠେ ବସଇ'। ଉକ୍ତ ପଦଟିକୁ କଦର୍ଥ କରି ଲୋକମାନେ ଦ୍ୱନ୍ଦ୍ୱରେ ପଡ଼ିଯା'ନ୍ତି। ପଦଟିକୁ ଠିକ୍ ଭାବେ ନବୁଝି, ଲୋକମାନଙ୍କ ମନରେ ଖାଦ୍ୟ ଜନିତ ଅନେକ ଭୁଲ୍ ତଥ୍ୟ ଦିଆଯାଏ। ମହର୍ଷି ମନୁ କହିଛନ୍ତି, ଗୋଟିଏ ଜୀବକୁ ମାରି ତା'ର ମାଂସ ଭକ୍ଷଣ କଲେ ଅନ୍ୟୂନ ୯ଜଣ ଲୋକ ଜୀବହତ୍ୟା ଜନିତ ପାପରେ ଦୋଷୀ ହୁଅନ୍ତି। ଅର୍ଥାତ୍- ଏତେଗୁଡ଼ିଏ ଲୋକ ହେଉଛନ୍ତି ଘାତକ ପଦବାଚ୍ୟ ଏବଂ ଜୀବହତ୍ୟା ଜନିତ ପାପରେ ସେମାନେ ଭାଗୀ। ଯିଏ କେବଳ ଜୀବ ବଧ କଲା ସେ ଏକା ନୁହେଁ, ମସଲା ବାଟିବାଠାରୁ ପରିବା କାଟିବା, ରନ୍ଧନ କରିବା ପର୍ଯ୍ୟନ୍ତ ସମସ୍ତେ ପାପରେ ଭାଗୀ। ସେହିଭଳି ହିନ୍ଦୁ ଧର୍ମରେ ଗୋମାଂସ ଭକ୍ଷଣକୁ ତୀବ୍ର ବିରୋଧ କରାଯାଉଥିବା ବେଳେ ଇସ୍‌ଲାମ୍ ଧର୍ମରେ ଘୁଷୁରି ମାଂସକୁ ବିରୋଧ ଥିବା ଜଣାଯାଏ। ୧୮୫୭ ସିପାହୀ ବିଦ୍ରୋହର ମୂଳଦୁଆ ମଧ୍ୟ ଏଥିରୁ ପଡ଼ିଥିଲା। ସେକାଳରେ ଗୁଳି ଉପରେ ଥିବା ଆବରଣକୁ ଦାନ୍ତରେ ଛିଣ୍ଡାଇବାକୁ ପଡୁଥିଲା। ତେଣୁ ବ୍ରିଟିଶ୍ ଅଧିକାରୀମାନେ ଭାରତୀୟଙ୍କୁ ହିନ୍ଦୁ-ମୁସଲମାନ ନିର୍ବିଶେଷରେ ଧର୍ମଭ୍ରଷ୍ଟ କରିବାକୁ ସେହି କାର୍ଟିଜ୍‌ର ଆବରଣକୁ ଗାଈ ଓ ଘୁଷୁରି ଚମଡ଼ାରେ ନିର୍ମାଣ କରୁଥିଲେ। ଏହା ଜଣାପଡ଼ିବା ପରେ ବ୍ରିଟିଶ୍ ଫୌଜରେ ଥିବା ଭାରତୀୟ ହିନ୍ଦୁ ଓ ମୁସଲମାନ ସୈନିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଲା। ସେହି ଅସନ୍ତୋଷରୁ ବିରୋଧ ଏବଂ ବିରୋଧରୁ ବିଦ୍ରୋହ ଜନ୍ମ ନେଲା, ଯାହା ଭାରତରେ ବ୍ରିଟିଶ୍ ଉପନିବେଶକୁ ଦୋହଲାଇ ଦେଲା। ତେଣୁ ମାଂସ ଭକ୍ଷଣ କିଭଳି ଇତିହାସକୁ ବଦଳାଇ ଦେଇପାରେ ତାହାର ଉଦାହରଣ ଥିଲା ସିପାହୀ ବିଦ୍ରୋହ।

ଆଠଗଡ଼-ତିଗିରିଆ ବାରମାଣ ସଂରକ୍ଷିତ ଜଙ୍ଗଲ ଭିତରେ ଗୋଟାଏ ଗୋରୁହାଡ଼ର ପାହାଡ଼ ହୋଇଛି। ତା'ର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ତାହାକୁ ଅନେକ ଦେଖିଥିବେ। ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଭୁବନେଶ୍ୱର, କଟକ ଏବଂ ଅନ୍ୟ ସହରଗୁଡ଼ିକରେ ଆୟୋଜନ ହେଉଥିବା ବିବାହ ଓ ଅନ୍ୟ ଭୋଜିମାନଙ୍କ ମଧ୍ୟରୁ ଅଧିକାଂଶରେ କେବଳ ମଟନ ନାମରେ ଗୋମାଂସ ହିଁ ଗୋମାଂସ ବୋଲି ଅଭିଯୋଗ ହୁଏ। ବହୁତଗୁଡ଼ିଏ ହୋଟେଲ ଓ ଢାବାରେ ମଧ୍ୟ ସେହି ଏକା ଅବସ୍ଥା ବୋଲି ପ୍ରାଣୀକଲ୍ୟାଣ କାର୍ଯ୍ୟରେ ନିୟୋଜିତ ସ୍ୱେଚ୍ଛାସେବୀମାନେ ଗୁରୁତର ଅଭିଯୋଗ ଆଣନ୍ତି। ଯେଉଁମାନେ ବରଯାତ୍ରୀ ଭାବରେ ଯାଇ ମଟନ୍ ଖାଇବାକୁ ଜିଦ୍ କରନ୍ତି, ସେମାନେ ଗୋରୁ ମୁଣ୍ଡ ଓ ହାଡ଼ର ଏଇ ପାହାଡ଼କୁ ସାମାଜିକ ଗଣମାଧ୍ୟମ ଭିଡିଓକୁ ଦେଖି ଅନୁମାନ କରନ୍ତୁ। ସାମାଜିକ ଗଣମାଧ୍ୟରେ ଘୂରିବୁଲୁଥିବା ଅନ୍ୟ ଏକ ଭିଡିଓରେ ସାକ୍ଷୀଗୋପାଳରେ ଧରା ପଡ଼ିଥିବା ଗୋମାଂସ ଚାଲାଣକାରୀର ବକ୍ତବ୍ୟରୁ ଆଉ କିଛି ଅବୁଝା ରହୁନାହିଁ। ଆଉ କିଛି କହିବା ଆବଶ୍ୟକ ମଧ୍ୟ ନାହିଁ। ଶେଷରେ ଏତିକି ଅନୁରୋଧ ଏହାକୁ ଅନ୍ତତଃ ହୃଦୟଙ୍ଗମ କରିବେ। ଆଜି ଆମେ ଦୃଢ଼କଣ୍ଠରେ ସଂକଳ୍ପ ନେବା ଯେ- ଆମେ ନିଜେ ଓ ଆମ ସହିତ ଆମର ସାଙ୍ଗସାଥୀ, ବନ୍ଧୁ ବାନ୍ଧବମାନେ ହୋଟେଲ ଓ ଢାବାମାନଙ୍କରେ କଦାପି ମଟନ ଖାଇବା ନାହିଁ। ଭୋଜିମାନଙ୍କରେ ଚିକେନ-ମଟନ ଖାଇବା ଓ ଖୁଆଇବାରୁ ନିବୃତ୍ତ ରହିବା। ଭୋଜିମାନଙ୍କରେ ଆମିଷ ସୀମାବଦ୍ଧ ରହିବ, କେବଳ ମାଛ ଓ ଚିଙ୍ଗୁଡ଼ି ଭିତରେ। ଆମେ ଯଦି ଉପରୋକ୍ତ ସଂକଳ୍ପନାମାକୁ ପାଳିପାରିବା, ତେବେ ଆମର ତଥା ଆମ ସମ୍ପ୍ରଦାୟର ଅଶେଷ କଲ୍ୟାଣ ସାଧିତ ହେବ।

# କେତେ ସୁରକ୍ଷିତ ଆମଦେଶର କୃଷକ

ଭାରତରେ ମୋଟ କାର୍ଯ୍ୟବଳର ୪୫.୫% କୃଷିକ୍ଷେତ୍ରରେ ନିୟୋଜିତ ଏବଂ ଦେଶର ସାମଗ୍ରିକ ଘରୋଇ ଉତ୍ପାଦକୁ କୃଷିର ଅବଦାନ ୧୫%। ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ୨୦୧୮-୧୯ରେ ଦେଶର ମୋଟ ଚାଷୀ ପରିବାର ୯୩.୦୯ ନିୟୁତ ଏବଂ କୃଷକ ସଂଖ୍ୟା ୧୫୦ ନିୟୁତ ବୋଲି ଦର୍ଶାଇଛନ୍ତି। ଏଥିରୁ ପ୍ରାୟ ୮୦% କ୍ଷୁଦ୍ର ଓ ନାମମାତ୍ର କୃଷକ। ଏହି କୃଷକ ସମ୍ପ୍ରଦାୟର ଦେଶର ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ହତାଶା ଭାବ ପରିଲକ୍ଷିତ ହେଉଛି। ପରିଣାମ ସ୍ୱରୂପ କୃଷକ ଆତ୍ମହତ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି। ନିକଟରେ ଖବର ପ୍ରକାଶ ପାଇଛି ଯେ ମହାରାଷ୍ଟ୍ରର କେତେକ ଅଞ୍ଚଳରେ ଦୈନିକ ଆଠଜଣ କୃଷକ ଆତ୍ମହତ୍ୟା କରୁଛନ୍ତି। ଆମ ଦେଶରେ କୃଷକ ଆତ୍ମହତ୍ୟା ସମସ୍ୟା ଗମ୍ଭୀର। ଏନ୍‌ସିଆରବି ତଥ୍ୟ ଅନୁଯାୟୀ ୧୯୯୫ରୁ ୨୦୧୪ ମଧ୍ୟରେ ୨, ୯୬, ୪୩୮ କୃଷକ ଆତ୍ମହତ୍ୟା କରିଛନ୍ତି। ଏହି ସଂଖ୍ୟା ୨୦୧୪ ରୁ ୨୦୨୨ ମଧ୍ୟରେ ୧, ୦୦, ୪୭୨। ୨୦୨୨ ରେ ଏହା ଥିଲା ୧୧, ୨୯୦। ଏଥିରୁ ଧରିନେବାକୁ ହେବ ଯେ ଭାରତରେ ବାର୍ଷିକ ଅନ୍ୟୂନ ୧୧, ୦୦୦ କୃଷକ ଆତ୍ମହତ୍ୟା କରୁଛନ୍ତି। ଏପରି ଦୁଃଖଦାୟକ ସମ୍ବାଦ ପାଇଁ ନାଗରିକମାନେ କେତେ ସଚେତନ ତାହା ଏକ ବଡ଼ ପ୍ରଶ୍ନ। କୃଷକ ଆତ୍ମହତ୍ୟାର କାରଣ ବିଷୟରେ ବହୁ ଅନୁଷ୍ଠାନ, ଗବେଷକ ଓ ସାମାଜିକ କର୍ମୀ ଅନୁଧ୍ୟାନ କରିଛନ୍ତି। ମତ ପ୍ରକାଶ ପାଇଛି ଯେ କୃଷକ ଆତ୍ମହତ୍ୟାର ପ୍ରମୁଖ କାରଣଗୁଡ଼ିକ ହେଲା ପ୍ରାକୃତିକ ବିପର୍ଯ୍ୟୟ ଜନିତ ଫସଲ ହାନି, ଋଣବୋଝ, ଫସଲର ଅଭାବୀ ବିକ୍ରି, ଅଧିକ ଚାଷ ଖର୍ଚ୍ଚ, ରାସାୟନିକ କୃଷିର ବିଫଳତା ଏବଂ କୃଷି ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି। ଅନେକଚାଷୀ ବିହନ, ସାର ଓ କୃଷି ଯନ୍ତ୍ରପାତି କିଣିବା ପାଇଁ ଆନୁଷ୍ଠାନିକ କିମ୍ବା ମହାଜନଙ୍କଠାରୁ ଋଣ ନିଅନ୍ତି। କିନ୍ତୁ ଅଭାବୀ ବିକ୍ରି ଯୋଗୁଁ ଠିକ୍ ସମୟରେ ଋଣ ପରିଶୋଧ କରିପାରନ୍ତି ନାହିଁ। ବିଶ୍ୱବ୍ୟାଙ୍କ୍ ତଥ୍ୟ ଅନୁଯାୟୀ ଉପଭୋକ୍ତା ଯେଉଁ ମୂଲ୍ୟରେ ପନିପରିବା ଓ ଫଳ କିଣେ ତାହାର ମାତ୍ର ୩୫% ଚାଷୀଙ୍କ ହାତକୁ ଯାଏ।

କୃଷି ମୁଖ୍ୟତଃ ମୃତ୍ତିକା, ଜଳବାୟୁ, ଜଳ ଓ ବଜାର ଉପରେ ନିର୍ଭରଶୀଳ। ଯେତେବେଳେ ମରୁଡ଼ି, ବନ୍ୟା, କୀଟ ଉପଦ୍ରବ ଓ ବାତ୍ୟା ଇତ୍ୟାଦି ସମସ୍ୟା ଉପୁଜେ ସେତେବେଳେ ଚାଷୀ ଅନେକ କ୍ଷତି ସହେ। ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ହୁଏତ ସେ କରଜ କରେ କିମ୍ବା ଦେଶାନ୍ତରୀ ହୁଏ। ଭଲ ଫସଲ ଅମଳ ହେଲେ ବି ଚାଷୀର ଦୁଃଖ ଲାଘବ ହୋଇ ନ ପାରେ ଯଦି ତା'କୁ ଉପଯୁକ୍ତ ବଜାର ମୂଲ୍ୟ ନ ମିଳେ। କେତେକ ଚାଷୀ ଫସଲ ଅମଳ ନ କରି ମାଟିରେ ମିଶାଇବା କିମ୍ବା ଗାଈ ଗୋରୁଙ୍କୁ ଖୁଆଇବା ସମ୍ବାଦ ପ୍ରକାଶ ପାଏ। ଏପରି ସ୍ଥଳେ ଆବଶ୍ୟକ ପଡ଼େ ଚାଷୀଙ୍କୁ ସୁବିଧାରେ କୃଷିସାମଗ୍ରୀ, କୃଷିଋଣ, ଜଳସେଚନ, ରାସାୟନିକ ସାର ଯୋଗାଣ, ଲାଭଜନକ ମୂଲ୍ୟ ଓ ଫସଲ ବୀମା। ଯେତେବେଳେ ଚାଷୀଟିଏ ଏଥିରୁ ବଞ୍ଚିତ ହୁଏ ଏବଂ ଘର ଚଳାଇବା ପାଇଁ ଅସମର୍ଥ ହୁଏ ସେତେବେଳେ ତା'ପାଇଁ ହୁଏତ ଆତ୍ମହତ୍ୟା ଏକ ବାଧ୍ୟବାଧକତା ହୋଇଯାଏ। ଏହାକୁ ଅଧିକ ଦୃଢ଼ୀଭୂତ କରେ ତାହାର ଦୁର୍ବଳ ମାନସିକତା ଓ ନିରାଶା ଭାବ। ବେଳେବେଳେ ସରକାରୀ ନୀତି ଚାଷୀଙ୍କ ହିତରେ ଯାଇ ନ ଥାଏ। ଆଉ ମଧ୍ୟ କେତେକ କ୍ଷେତ୍ରରେ ପାରିବାରିକ ସମସ୍ୟା ହିସାବରେ ପିଲାମାନଙ୍କ ବିବାହ, ଚିକିତ୍ସା ଓ ଋଣଗ୍ରସ୍ତତା ଚାଷୀକୁ ବିବ୍ରତ କରେ। ଭାରତରେ ପ୍ରାୟ ୪୮.୬% ଚାଷୀ ଋଣଗ୍ରସ୍ତ ଓ ଋଣଗ୍ରସ୍ତ ପରିବାର ପିଛା ଋଣ ବୋଝ ୨୬୯୮୧ ଟଙ୍କା। ୨୦୧୯ ତଥ୍ୟ ଅନୁସାରେ ପ୍ରତି ଋଣଗ୍ରସ୍ତ ପରିବାର ହାରାହାରି ୧, ୭୦, ୫୩୫ ଟଙ୍କା ଋଣ ନେଇଥିଲେ। ଅପରପକ୍ଷରେ କୃଷି ଆଉ ଏକ ଲାଭଦାୟକ ପେସା ହୋଇପାରୁନାହିଁ। ସ୍ୱାମୀନାଥନ କମିଶନ ରିପୋର୍ଟ ୨୦୦୬ ଅନୁଯାୟୀ ବିକଳ୍ପ ପାଇଲେ ୪୦% କୃଷକ ଚାଷକାର୍ଯ୍ୟ ଛାଡ଼ିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଭାରତରେ କୃଷକଙ୍କ ମାସିକ ଆୟ ୨୦୧୮-୧୯ ରେ ମାତ୍ର ୧୦, ୨୧୮ ଟଙ୍କା, ଯାହାକି ପରିବାର ଚଳାଇବା ପାଇଁ ଯଥେଷ୍ଟ ନୁହଁ। ରାଜ୍ୟଓ୍ୱାରୀ ମଧ୍ୟ ଏହି ଆୟରେ ବହୁ ତାରତମ୍ୟ ରହିଛି। ପଞ୍ଜାବରେ ଏହା ୨୬, ୭୦୧ ଟଙ୍କା ଥିବା ବେଳେ ଝାଡ଼ଖଣ୍ଡରେ ୪, ୮୯୫ ଟଙ୍କା।

କୃଷକଙ୍କ ଆୟ ୭ ବର୍ଷରେ ଦ୍ୱିଗୁଣିତ କରିବା ପାଇଁ ସରକାର ଅଶୋକ ଦଲବାଇ କମିଟି ରିପୋର୍ଟ କାର୍ଯ୍ୟକାରୀ କରିଥିଲେ ମଧ୍ୟ ଏହା ୨୦୨୩ ସୁଦ୍ଧା ସଫଳ ହୋଇ ପାରିନାହିଁ। ଅନ୍ତର୍ଜାତୀୟ ପରିବେଶ ଉନ୍ନୟନ ଅନୁଷ୍ଠାନ ଗବେଷଣାରୁ ଜଣାପଡ଼ିଛି ଯେ ବୃଷ୍ଟିହାନି ସହିତ କୃଷକ ଆତ୍ମହତ୍ୟାର ସମ୍ପର୍କ ଅଛି। ଏହି ଅନୁଷ୍ଠାନ ତଥ୍ୟରୁ ଆହୁରି ମଧ୍ୟ ଜଣାଯାଏ ଯେ ଏମ୍‌ନରେଗା ଯୋଜନାରେ କାର୍ଯ୍ୟଦିବସ ୫୦ ନିୟୁତରୁ ୧୫୦ ନିୟୁତକୁ ବୃଦ୍ଧି କଲେ କୃଷକ/କୃଷି ଶ୍ରମିକ ମୃତ୍ୟୁ ସଂଖ୍ୟା ବାର୍ଷିକ ୧୮୦୦ ରୁ ୩୯୮କୁ ହ୍ରାସ ପାଇବ। ଯେହେତୁ କୃଷକଙ୍କ ଅପେକ୍ଷା କୃଷିଶ୍ରମିକ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରନ୍ତି ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବିକଳ୍ପ କର୍ମଯୋଗାଣ ଏବଂ କୃଷକମାନଙ୍କୁ ଫସଲ ବୀମା ସହିତ ଅନ୍ୟାନ୍ୟ ଆର୍ଥିକ ସହାୟତା ଆବଶ୍ୟକ। କୃଷକ ବା କୃଷି ଶ୍ରମିକ ଆତ୍ମହତ୍ୟା କଲେ ସାରା ପରିବାର କ୍ଷତିଗ୍ରସ୍ତ ହୁଅନ୍ତି। ଗାଁ ମହାଜନ ଦାଉ ସାଧନ୍ତି। କୃଷକ ଆତ୍ମହତ୍ୟା ସମସ୍ୟାର ସମାଧାନ ପାଇଁ ୨୦୦୬ ରିଲିଫ ପ୍ୟାକେଜ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ କେରଳ ପାଇଁ ସ୍ୱତନ୍ତ୍ର ଭାବରେ କରାଯାଇଥିଲା। ବିଧର୍ଭ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର କୃଷିଋଣ ବଣ୍ଟନ ମଧ୍ୟ କରାଯାଇଥିଲା। ୨୦୦୮ ମସିହାରେ ଭାରତ ସରକାର ଋଣଛାଡ଼ ଘୋଷଣା କଲେ। ଏହାପରେ ମହାରାଷ୍ଟ୍ର ରିଲିଫ ପ୍ୟାକେଜ ୨୦୧୦ ଓ କେରଳ ଫାର୍ମରଣ ରିଲିଫ୍ ୨୦୧୨ ମସିହାରେ ଘୋଷଣା କରାଗଲା। ଏହାସତ୍ତ୍ୱେ କୃଷକ ଆତ୍ମହତ୍ୟା ବିଶେଷ ହ୍ରାସ ପାଇଲା ନାହିଁ। ଜାତୀୟ କୃଷକ କମିଶନ ୨୦୦୬ (ସ୍ୱାମୀନାଥନ କମିଶନ) ରିପୋର୍ଟ ଅନୁଯାୟୀ ସରକାର ହାରାହାରି ଚାଷଖର୍ଚ୍ଚର ଦେଢ଼ଗୁଣ ହିସାବରେ ୨୩ଟି ମୁଖ୍ୟ କୃଷିଉତ୍ପାଦ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଉଭୟ ଖରିଫ୍ ଓ ରବି ଋତୁ ପୂର୍ବରୁ ଘୋଷଣା କରିବା ସହିତ ଏହି ମୂଲ୍ୟରେ ଚାଷୀଙ୍କଠାରୁ ସଂଗ୍ରହ କରୁଛନ୍ତି। ସିଧାସଳଖ ଚାଷୀଙ୍କୁ ଉପକୃତ କରିବା ପାଇଁ ପ୍ରଧାନମନ୍ତ୍ରୀ କିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷିସିଞ୍ଚାଇ ଯୋଜନା, କିଷାନ କ୍ରେଡିଟକାର୍ଡ, ସମନ୍ୱିତ ଉଦ୍ୟାନ ବିକାଶ ମିଶନ୍, ଜୈବିକ କୃଷି ମିଶନ୍, କୃଷି ଭିତ୍ତିଭୂମି ପାଣ୍ଠି, ରାସାୟନିକ ସାର ଉପରେ ରିହାତି, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଇତ୍ୟାଦି ଯୋଜନା କରିଛନ୍ତି। ଏହାସତ୍ତ୍ୱେ କୃଷକ ଆତ୍ମହତ୍ୟା ସମସ୍ୟା ସମାଧାନ ହେଉନାହିଁ।

ବିଭିନ୍ନ ଗବେଷଣା ସଂସ୍ଥା ଓ ବିଶେଷଜ୍ଞଙ୍କ ମତ ସମେତ କ୍ଷେତ୍ର ଅନୁଧ୍ୟାନ ଅନୁଭୂତି ଆଧାରରେ ଏହି ସମସ୍ୟାର ସମାଧାନ ପାଇଁ କେତେକ ପରାମର୍ଶ ଗ୍ରହଣ କରାଯାଇପାରେ। କୃଷକ ଆତ୍ମହତ୍ୟାର ବଡ଼ କାରଣ ଋଣବୋଝ ହୋଇଥିବାରୁ ଋଣଛାଡ଼, ଋଣ ପରିଶୋଧ ସ୍ଥଗିତ ରଖିବା, ସ୍ୱଳ୍ପ ସୁଧରେ କୃଷି ଋଣ ଯୋଗାଣ ଏବଂ କୃଷିବୀମାର ନିଶ୍ଚିତତା ଅନେକାଂଶରେ ସମସ୍ୟାର ସମାଧାନ କରିପାରିବ। ଏହାଛଡ଼ା ଅଭାବୀ ବିକ୍ରି ସମସ୍ୟାର ସମାଧାନ ନିମନ୍ତେ ଫସଲର ବିବିଧିକରଣ, ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହଣ, ସରକାରୀ ଶୀତଳଭଣ୍ଡାର ସ୍ଥାପନ, ପ୍ରକ୍ରିୟାକରଣ ଓ ରପ୍ତାନୀ ପାଇଁ ପଦକ୍ଷେପ ଜରୁରୀ। ବିଭିନ୍ନ ଅଞ୍ଚଳରେ କୃଷି ଉତ୍ପାଦନ ପୁଞ୍ଜି ଗଠନ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅମଳ ପରବର୍ତ୍ତୀ ପରିଚାଳନା କାର୍ଯ୍ୟକ୍ରମରେ ନିୟୋଜିତ କରିବାକୁ ହେବ। ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ କୃଷିକୁ ସୁରକ୍ଷିତ ରଖିବା ପାଇଁ ଜଳସେଚନ, ଶୁଷ୍କାଞ୍ଚଳ କୃଷି ବିକାଶ, ବର୍ଷାଜଳ ଅମଳ, ଫାର୍ମ ପୋଖରୀ ଓ ଆଡ଼ିବନ୍ଧ ନିର୍ମାଣ, ଭୂପୃଷ୍ଠ ଓ ଭୂତଳ ଜଳର ଏକୀକରଣ ଏବଂ ଜଳବାୟୁ ଅନୁକୂଳ କୃଷିକୌଶଳ ପ୍ରୟୋଗ ଉପରେ ଧ୍ୟାନ ଦେବା ଆବଶ୍ୟକ। ଉତ୍ତମ ବିହନ, ଜୈବ ଓ ରାସାୟନିକ ସାର, କୃଷି ଯନ୍ତ୍ରପାତି ଉଚିତ ମୂଲ୍ୟରେ ଯୋଗାଇବାକୁ ହେବ। ସମବାୟ ସଂସ୍ଥା ମାଧ୍ୟମରେ କୃଷି ବେପାର ବଣିଜ ଅଧିକ ସୁରକ୍ଷିତ। କୃଷକ ଉତ୍ପାଦନ ସଂଗଠନ କୃଷକ ଗୋଷ୍ଠୀମାନଙ୍କୁ ସହାୟତା ଯୋଗାଇ ପାରିବେ ଯେପରି ମହାରାଷ୍ଟ୍ରର ଶେଷାଦ୍ରୀ କୃଷକ ଉତ୍ପାଦନ ସଂଗଠନ ଏକ ଅଗ୍ରଣୀ ଭୂମିକା ନେଉଛି। କୃଷକ ଓ କୃଷିଶ୍ରମିକମାନେ ବର୍ଷସାରା କାମ ପାଉ ନ ଥିବାରୁ ସେମାନଙ୍କୁ କୌଶଳ ବିକାଶ ପ୍ରଶିକ୍ଷଣ ଦେଇ ବିକଳ୍ପ କର୍ମନିଯୁକ୍ତି ବ୍ୟବସ୍ଥା କଲେ ସେମାନଙ୍କ ମନୋବଳ ବୃଦ୍ଧି ହେବ। ଏଥିପାଇଁ ସମ୍ପ୍ରସାରଣ ଅଧିକାରୀ ଓ ଗବେଷକମାନେ ଚାଷୀଙ୍କ ନିକଟକୁ ଯାଇ ସେମାନଙ୍କୁ ନୂତନ ଚାଷକୌଶଳ ସମେତ ବିଭିନ୍ନ ଅର୍ଥକରୀ ଫସଲ ସମ୍ବନ୍ଧରେ ପରାମର୍ଶ ଓ ପ୍ରଶିକ୍ଷଣ ଏବଂ ମନସ୍ତାତ୍ତ୍ୱିକ ସ୍ତରରେ ସହାୟତା ଦେବା ବିଧେୟ। ଭୂସଂସ୍କାର ଓ ଭାଗଚାଷୀ ଆଇନ୍‌କୁ ସମ୍ପୂର୍ଣ୍ଣ କରିବା ଦାୟିତ୍ୱ ସରକାରଙ୍କର। ଯେହେତୁ ମୋଟ କୃଷକ ଆତ୍ମହତ୍ୟାର ୭୫% କ୍ଷୁଦ୍ର ଓ ନାମମାତ୍ର ଚାଷୀ, ସେମାନଙ୍କୁ ସୁହାଇବା ଭଳି କୃଷି ନୀତି ପ୍ରବର୍ତ୍ତନ ହେବା ବାଞ୍ଛନୀୟ। ସରକାର, ବେସରକାରୀ ସଂସ୍ଥା, କୃଷକ ଗୋଷ୍ଠୀ, କୃଷକ ଉତ୍ପାଦନ ସଂଗଠନ ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଏପରି ସମସ୍ୟାର ସମାଧାନ ସହଜ ହେବ। 'ଚାଷ ଅଛି ଯାହାର କି ଆନନ୍ଦ ତାହାର, ଚାଷୀ ଭାଇ ଯୋଗାଉଛି ଦୁନିଆକୁ ଆହାର' ବାସ୍ତବ ରୂପ ନେବ। ଏହା ନିଶ୍ଚିତ କରିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ।

ବିଦ୍ୟାଧର ମହାରଣା
ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଚେତନା - ' ମନୁଷ୍ୟ ଜୀବନରେ ଦିବ୍ୟଜ୍ଞାନର ଆବଶ୍ୟକତା '

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଭାରତ ଏକ ଧର୍ମ ପ୍ରଧାନ ଦେଶ। ଏଠାରେ ପ୍ରତ୍ୟକ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ହେଉ କିମ୍ବା ପରୋକ୍ଷ ଭାବରେ ହେଉ। କେଉଁ ନା କେଉଁ ସମ୍ପ୍ରଦାୟକୁ ଆପଣେଇଥାନ୍ତି। କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ। ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ। ଏହାର ଅର୍ଥ ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର। ଯାହା ଉପରେ ଆଶ୍ରା କରିବା ତାର ହିଁ ଆଶ୍ରିତ ହେବା ଶ୍ରେୟସ୍କର। କାରଣ ଆମର ତା ସହିତ ଆସ୍ଥା ଯୋଡି ହେଲା। ଆସ୍ଥା ଯୋଡି ହେଲେ ମନୁଷ୍ୟ ନିଜକୁ ସୁରକ୍ଷାମଣି ତାରି ପାଖରେ ଆଶ୍ରୟ ନେବାକୁ ସୁଖ ମଣେ। ଶାସ୍ତ୍ର କହୁଛି ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର ନଚେତ ଶାନ୍ତି ଓ ମୁକ୍ତି ମିଳିବ ନାହିଁ। ଗୁରୁ ଚରଣ ମାନେ ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ। ଜୀବନର ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ ସେହି ନୀତି ଆଦର୍ଶ ସହାୟକ ହେବ। ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରିୟକୁ ଦମନ କରିବାର ଅଭ୍ୟାସ କରିଥାଆନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି। ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ। ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ। ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ। ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି। ଯାହା ଏପରି ଏକ ବିଷୟ ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ରୀକରଣ ହୋଇଯାଏ। ସୁଖ ଶାନ୍ତି ପ୍ରାପ୍ତି କରେ। ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ। ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ। ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ। କାରଣ ସେ ନିଜ ମଧ୍ୟରେ ହିଁ ଶାନ୍ତି ପାଏ। ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତାର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ। ଶ୍ରଦ୍ଧା ଦ୍ୱାରା ଜ୍ଞାନ ପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ। ବିଶ୍ୱାସ ମଧ୍ୟ ସହଜେ ହେବ ନାହିଁ କାରଣ ବିଶ୍ୱାସ ଅନୁଭବର କଥା। ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାଇ ଚାଲିବ। ନିଜ ଜୀବନର କର୍ତ୍ତବ୍ୟକୁ ସେହି ରୂପେ ପାଳନ କରିବ। ତେବେ ଯାଇ ଅନୁଭବ ଓ ବିଶ୍ୱାସ ହେବ। ଏଣୁ ଆମେ ଅଜ୍ଞାନ ଜନିତ କଷ୍ଟକୁ ଜ୍ଞାନ ରୂପକ ଖଡ଼ଗ ଦ୍ୱାରା କାଟିବା ପାଇଁ ସକ୍ଷମ ହୋଇପାରିଲେ, ସର୍ବଦା ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରିପାରିବା।

ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିଲା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା, ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର। ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ । ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇ ନ ଥାଏ । ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ। ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କଠାରୁ ଆତ୍ମା, ଭଗବାନ୍ ?, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନ ପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍ ?ପ୍ରାପ୍ତି କରାଇ ନ ଥାଏ । ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍ ?ଭାସିତ ହୁଏ । ଏହାକୁ ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ। ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ ।

ଆସନ୍ତୁ ଏ ଦିବ୍ୟଜ୍ଞାନକୁ ନେଇ ଛୋଟ କଥାଟିଏ ଜାଣିବା ଯେ ଦିବ୍ୟଜ୍ଞାନ କିପରି ଉଦୟ ହୁଏ ଆଉ ଏହି ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟ କିପରି ମନ ପରିବର୍ତ୍ତନ ହୋଇଥାଏ। ଜଣେ ରାଜକୁମାର ତତ୍ ?କ୍ଷଣାତ୍ ? ଦିବ୍ୟଜ୍ଞାନ ଲାଭ କାମନାରେ, ଜଣେ ଗୁରୁଙ୍କୁ ଭେଟିଲେ। ତାଙ୍କ କାମନା ବାବଦରେ ଜାଣି, ଗୁରୁ ଏହା ସମ୍ଭବ ବୋଲି କହିଲେ। ରାଜକୁମାର କେଉଁ ବିଦ୍ୟାରେ ସବୁଠାରୁ ନିପୁଣ, ଜାଣିବାକୁ ଚାହିଁଲେ। ତାଙ୍କୁ ଅନେକ ସାମରିକ କଳା ଜଣାଥିଲା। ସେ ଅଶ୍ୱାରୋହଣରେ ସବୁଠାରୁ ପାରଙ୍ଗମ ବୋଲି କହିଲେ। ମଠରେ ରହୁଥିବା ଗୁରୁଙ୍କର ଜଣେ ଚେଲା ବି ଏହି ବିଦ୍ୟାରେ ନିପୁଣ ଥିଲେ। ଦୁହିଁଙ୍କ ଭିତରେ ପ୍ରତିଯୋଗିତା ପାଇଁ ଗୁରୁ କହିଲେ। ସର୍ତ୍ତ ରହିଲା ଯିଏ ହାରିବ, ସେ ନିଜ ପେଟକୁ ନିଜେ ଛୁରି ଭୁଷିବା) ଦ୍ୱାରା ଆତ୍ମହତ୍ୟା କରିବ। ରାଜକୁମାରଙ୍କୁ ଲାଗିଲା, ମଠରେ ରହୁଥିବା ପ୍ରତିଦ୍ୱନ୍ଦ୍ୱୀ କେବେ ହେଲେ ଜିତି ପାରିବନାହିଁ। ତା'ର ଜୀବନ ଯିବ। ହଠାତ୍ ? ସେ ଚିନ୍ତିତ ଦିଶିଲେ- ଆରେ ମୁଁ ଏ କ'ଣ କରୁଛି ? ମୁଁ ବଡ଼ ନିଷ୍ଠୁର। ମୁଁ ଦିବ୍ୟଜ୍ଞାନ ତଲାସରେ ଆସିଥିଲି। ଆଉ ମୋ ପାଇଁ ଏବେ ଜଣଙ୍କର ପ୍ରାଣ ଯିବ। ଜଣଙ୍କର ମୃତ୍ୟୁରୁ ପ୍ରାପ୍ତ ଦିବ୍ୟଜ୍ଞାନ ମୋ'ର କେଉଁ କାମରେ ଲାଗିବ ? ସେ ବିଚଳିତ ହୋଇପଡ଼ିଲେ। ଯଦି, ଜାଣିଶୁଣି ହାରିବେ, ନିଜ ପ୍ରାଣ ଯିବ, ଜିତିଲେ ନିରୀହ ପ୍ରତିଦ୍ୱନ୍ଦ୍ୱୀର। ଏହା ଭାବିଭାବି ସେ ଡରିଗଲେ। ତାଙ୍କ ଅବସ୍ଥା ଦେଖି ଉପସ୍ଥିତ ଥିବା ଗୁରୁ କହିଲେ- ତୁମ ହୃଦୟ ନିର୍ମଳ। ତୁମେ ବିବେକବାନ। ତେଣୁ, ତୁମେ ପ୍ରତିଦ୍ୱନ୍ଦ୍ୱୀର ମୃତ୍ୟୁର କାରଣ ହେବା ପାଇଁ ଇଚ୍ଛା କରୁନାହଁ। ଏହା ହିଁ ତ ଦିବ୍ୟଜ୍ଞାନ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ବିଶ୍ୱାସ ବନାମ ନିଃଶ୍ୱାସ


ଅନ୍ତରରେ ବିଶ୍ୱଭାବ ଜାଗରିତ କରାଇବା ଓ ତତ୍ ଭାବକୁ ଅପର ପାଖରେ ନ୍ୟାସକରିବା ହିଁ ବିଶ୍ୱାସ କ୍ଷ ଯାହା କାୟିକପ ମାନସିକପ ବାଚିକ ସ୍ତରରେ ବ୍ୟକ୍ତିକୁ ସ୍ଥିତପ୍ରଜ୍ଞ କରାଏ କ୍ଷ ପୁଣି ଅନ୍ତର୍ମୁଖି ଚିନ୍ତାଚେତନା ଦେଇ ହୃଦୟର ନିଭୃତ କୋଣରେ ଆସ୍ଥାନଟିଏ ଗଢିଦିଏ। ଏମିତି ବି ହୁଏ, ଥରେ ବିଶ୍ୱାସ ଦୃଢୀଭୂତ ହେଲେ ତାକୁ ଭାଙ୍ଗିବା କଷ୍ଟ କ୍ଷ ବିଶ୍ୱାସୀଟିଏ ନିଜକୁ ସବୁଠି ନାମାଙ୍କିତ କରାଏ କ୍ଷ ବିଶ୍ୱ ଭାବବିନ୍ୟାସରେ ଯିଏ ଆଶ୍ୱସ୍ତ ହେଇଯାଏ ସେ ହିଁ କେବଳ ବିଶ୍ୱସ୍ତ ହୁଏ। ଏ ସଂସାରର ପ୍ରତିକ୍ଷେତ୍ରରେ ବିଶ୍ୱାସ ରହିଛି କ୍ଷ ଅନୁରୂପ ଭାବ ସଂସ୍ପର୍ଶରେ ଆସିଲେ ତା ସହ ଅନୁବନ୍ଧିତ ଚୁକ୍ତିନାମା ଯେମିତି କ୍ଷଯିଏ ଚୁକ୍ତି ସହ ଅମଙ୍ଗ ହୁଏ ତାର ଅପମୃତ୍ୟୁ ହୋଇଯାଏ। ବିଶ୍ୱର ଯେତେ ଧର୍ମ ରହିଛି ସବୁ ବିଶ୍ୱାସ କଥା କୁହନ୍ତି। ହିନ୍ଦୁମାନେ ବେଦ ପୁରାଣ ଠାରେ ବିଶ୍ୱାସ ରଖୁଥିଲା ବେଳେ ଖ୍ରୀଷ୍ଟମାନେ ବାଇବେଲରେ ବିଶ୍ୱାସ କରନ୍ତି କ୍ଷ ସେହିପରି ମୁସଲିମମାନେ କୋରାନରେ ବିଶ୍ୱାସ କରନ୍ତି। ଏଇପରି ଭୂଖଣ୍ଡ ଅନୁଯାୟୀ ବିଭିନ୍ନ ଧର୍ମାବଲମ୍ବୀ ଲୋକେ ନିଜ ନିଜର ଉପାସ୍ୟ ପାଖରେ ବିଶ୍ୱାସ କରନ୍ତି କ୍ଷବେଳେବେଳେ ଏମିତି ବି ହୁଏ ବିଶ୍ୱାସ ପରିବର୍ତ୍ତନ ହୁଏ, ପୂର୍ବ ସମ୍ବନ୍ଧିତ ବିଶ୍ୱାସରେ ଅଭାବ ପରିଲକ୍ଷିତ ହେଲେ ନୂତନ ଭାବରେ ଆଉ କେଉଁଠି ବିଶ୍ୱସ୍ତ ହୁଏ ।

ଇଂରାଜୀ ଶବ୍ଦ ଓ୍ୱର୍ଷିପ୍ ର ଅର୍ଥ ପୁଜନ ବା ପୂଜା ଉପାସନା କରିବା । ପୂଜା କଲାବେଳେ ସଧାରଣତଃ ମନରେ ଶ୍ରଦ୍ଧା ସହ ବିଶ୍ୱାସ ଉଦ୍ରେକ ହୁଏ। ପରମାତ୍ମାଙ୍କ ସତ୍ତା ଉପରେ ଅଟଳ ବିଶ୍ୱାସ କରିବାକୁ ହିଁ 'ଶ୍ରଦ୍ଧା' କୁହାଯାଏ। ବିଶ୍ୱାସର ପରିସୀମା ବୃଦ୍ଧି ହେଲେ ଭଗବାନଙ୍କ ବିରାଟ ସ୍ୱରୂପ ଦର୍ଶନ ଅଚିରେ କରିହୁଏ। ଆମ ଭିତର, ବାହାର ଓ ଚାରିପାର୍ଶ୍ୱରେ ଥିବା ସବୁ କଥାରେ ଶ୍ରଦ୍ଧା ପୂର୍ବକ ପରମାତ୍ମାଙ୍କର ଅବଲମ୍ବନ ନେବା ଆବଶ୍ୟକ କ୍ଷ ପ୍ରମାଣ ସ୍ୱରୂପ ପ୍ରଭୂ ବଳଦେବଙ୍କ ତାଳଧ୍ୱଜ ରଥରେ ଦୁଇ ଓଲଟ ଶୁଆ ଶ୍ରଦ୍ଧା ଓ ବିଶ୍ୱାସ ପ୍ରତୀକାତ୍ମକ ଭାବେ ସ୍ଥାନିତ ହୋଇ ଆତ୍ମିକ୍ଳକୁ ସଙ୍ଗଠିତ କରୁଛନ୍ତି କ୍ଷମାତ୍ର ଏହା ଅନସ୍ୱୀକାର୍ଯ୍ୟ ଯେ ଶ୍ରଦ୍ଧା ସହ ଧୂପ ଦିଅ ଫୁଲ ଚନ୍ଦନ ଦେଉ ବିଶ୍ୱାସର ଉପାସ୍ୟଙ୍କୁ ପୂଜା ଅର୍ଚ୍ଚନା କଲେ କେବଳ ଯେ ମାନସିକ ତୃପ୍ତି ମିଳେ ତା ନୁହଁ, ଏହା ଦ୍ୱାରା ଈଶ୍ୱରଙ୍କ ପ୍ରତି ଆତ୍ମୀୟତା ସୃଷ୍ଟି ହୋଇ ପାର୍ଥିବ ସଂସାରିକ ମୋହ ବନ୍ଧନରୁ ଆସକ୍ତି ଓ ମାନସିକ ଅବଦାଦ ଦୂରହୁଏ।

ଏ ସମ୍ପର୍କରେ ହିନ୍ଦୁଧର୍ମର ପବିତ୍ରଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତା ଶ୍ଳୋକ ସଂଖ୍ୟା ପ୭୧ (ମୋକ୍ଷ ସନ୍ୟାସ ଯୋଗ) ବ୍ୟାଖ୍ୟା କରେ ଯେ ' ଶ୍ରଦ୍ଧାବାନନସୂୟଶ୍ଚ ଶ୍ଣୁୟାଦପି ଯୋ ନରଃ ,ସୋ ଂପି ମୁକ୍ତଃ ଶୁଭକ୍ଷଲୋକାନ୍ ପ୍ରାପ୍ନୁୟାପୁଣ୍ୟକର୍ମଣାମ୍ କ୍ଷକ୍ଷ'ଅର୍ଥାତ୍ ଯେଉଁ ବ୍ୟକ୍ତି ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ସହିତ ଈର୍ଷା ନ ହୋଇ ଏହା ଶ୍ରବଣ କରେ ପାପକର୍ମରୁ ମୁକ୍ତ ହୋଇ ପୁଣ୍ୟନିବାସୀ ହୁଏ। ଖ୍ରୀଷ୍ଟୀୟ ଧର୍ମଗ୍ରନ୍ଥ ନୂତନ ନିୟାନୁସାରେ ଈଶ୍ୱର ଜଗତକୁ ଏତେ ଭଲପାଇଲେ ଯେ ସେ ଆପଣା ପୁତ୍ରଙ୍କୁ ଦାନକରି ଦେଲେ କ୍ଷ ଆଉ ଯେକେହି ଏଥିରେ ବିଶ୍ୱାସ କରେ ସେ ବିନିଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତହୁଏ। ସାମଗ୍ରିକ ଭାବେ ଅନୁଧ୍ୟାନକଲେ ପ୍ରତୀୟମାନ ହୁଏ ଯେ ବିଶ୍ୱାସ ନାମକ ତିନିଗୋଟି ଅକ୍ଷର ବିଭିନ୍ନ ଜୀବନ ଦର୍ଶନ, ଧର୍ମ ପରମ୍ପରା ସହ ଯୋଡ଼ି ହୋଇ ରହିଛି । କେହିକେହି କୁହନ୍ତି ନିଃଶ୍ୱାସକୁ ଜମା ବିଶ୍ୱାସ ନାହିଁ କ୍ଷ ଜୀବନ ଗୋଟିଏ ପାଣି ଫୋଟକା ପରି କ୍ଷ ଏଇ ଅଛି ଏଇ ନାହିଁ। ଶ୍ୱାସକ୍ରିୟା ସମ୍ପାଦିତ ହେଲାବେଳେ ନାସାରେ ଦ୍ୱାଦଶ ଅଙ୍ଗୁଳି ପବନ ଶରୀର ଭିତରେ ହୁଏ କ୍ଷ ବିଜ୍ଞାନ ମଧ୍ୟ ପ୍ରମାଣିତ କରେ ଯେ ମନୁଷ୍ୟ ଶ୍ୱାସକ୍ରିୟା ପ୍ରତି ମିନିଟରେ ଆନୁମାନିକ ୨୪ ଥର କରିଥାଏ। ଏଥିରୁ ସୁସ୍ପଷ୍ଟ ଯେ ନିଃଶ୍ୱାସ ଶେଷ ସନ୍ତକ। ଜୀବନକୁ ପୂର୍ଣ୍ଣଚ୍ଛେଦ ଟାଣୁଥିବା ବେଳେ ବିଶ୍ୱାସ ଆଦିକୁହୁକ,ଯେ ଜୀବନକୁ ବାଟ ଦେଖାଏ କ୍ଷ କିନ୍ତୁ ମଣିଷ ଭ୍ରମବଶତଃ ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ଶିକାର ହୁଏ। ଅତଏବ ପରିଶେଷରେ ଏତିକି କୁହାଯାଇପାରେ ଜୀବନରେ ଅମେ ସମସ୍ତେ ବିଶ୍ୱାସରେ ଅନୁବନ୍ଧିତ ହୋଇ କାର୍ଯ୍ୟ ସମ୍ପାଦନ କରିବା ଓ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ବିଶ୍ୱଭାବକୁ ସମ୍ମାନ ଜଣାଇବା ଏକାନ୍ତ ଜରୁରୀ ।

ନାୟକ ଅକ୍ଷୟ ରାଜହସ୍ତୀ
ଢ଼େଙ୍କାନାଳ

# ଅଧିକ ଚିନ୍ତାଗ୍ରସ୍ତ ଭାରତୀୟ ମହିଳା



ଗତ ୧୦ ବର୍ଷ ମଧରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ଆସିଛି। ଲୋକଙ୍କ ଚାପ, କ୍ରୋଧ ଓ ଚିନ୍ତାର ସ୍ତର ବଢ଼ଚାଲିଛି। ଏବେ ଲୋକେ ପୂର୍ବାପେକ୍ଷା ଅଧିକ ଉଦାସ ଓ ଦୁଃଖୀ ରହୁଛନ୍ତି। ପୁରୁଷଙ୍କ ଅପେକ୍ଷା ମହିଳା ବେଶି ଏହାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ପରିବର୍ତ୍ତିତ ମାନସିକ ସ୍ଥିତି ଜାଣିବା ଓ ସେମାନଙ୍କ ଭାବନାକୁ ବୁଝିବା ପାଇଁ ଗ୍ୟାଲପ୍ ୱର୍ଲଡ ପୋଲ୍ ୨୦୧୨ରୁ ୨୦୨୧ ମସିହା ପର୍ଯ୍ୟନ୍ତ ୧୫୦ ଦେଶର ୧୨ ଲକ୍ଷ ଲୋକଙ୍କ ଉପରେ ସର୍ଭେ କରିଥିଲା। ଏଥିରୁ ଜଣାପଡ଼ିଲା, ୧୦ ବର୍ଷ ତଳେ ମହିଳା-ପୁରୁଷଙ୍କ କ୍ରୋଧ ଓ ଚାପ ସ୍ତର ସମାନ ଥିଲା। କିନ୍ତୁ ଗତ ୧୦ ବର୍ଷରୁ ମହିଳାଙ୍କ ଚାପ ଅଧିକ ବଢ଼ିଛି। ସେମାନେ ଏବେ ଅଧିକ କ୍ରୋଧାନ୍ୱିତ ହେଉଛନ୍ତି। ତଥ୍ୟ ଅନୁସାରେ, ବିଶ୍ୱରେ ମହିଳାଙ୍କ କ୍ରୋଧ ସ୍ତର ପୁରୁଷଙ୍କଠାରୁ ୬ ପ୍ରତିଶତ ଅଧିକ। ଭାରତ ଓ ପାକିସ୍ତାନର ମହିଳାଙ୍କ ଚାପ ଓ କ୍ରୋଧର ସ୍ତର ବିଶ୍ୱଠାରୁ ଦୁଇଗୁଣ। ଅର୍ଥାତ ୧୨ ପ୍ରତିଶତ। ଭାରତରେ ପୁରୁଷଙ୍କ କ୍ରୋଧ ସ୍ତର ୨୭.୮ ପ୍ରତିଶତ। ମହିଳାଙ୍କଠାରେ ଏହି ସ୍ତର ୪୦.୬ ପ୍ରତିଶତ। କରୋନା ମହାମାରୀର ଦୁଇ ବର୍ଷ ମଧରେ ଏହି ସ୍ତର ଅଧିକ ବଢ଼ିଛି । ମନୋବୈଜ୍ଞାନିକ ଡା. ଲକ୍ଷ୍ମୀ ବିଜୟ କୁମାର ବିଶ୍ୱରେ ମହିଳାଙ୍କର ବଢୁଥିବା ଚାପ ଓ କ୍ରୋଧର କାରଣ ବିଷୟରେ କହିଛନ୍ତି, ବିଶ୍ୱର ତମାମ ଦେଶରେ ମହିଳା ପୂର୍ବାପେକ୍ଷା ଅଧିକ ଶିକ୍ଷିତ ହୋଇଛନ୍ତି । ଚାକିରି କରିବା ସହ ଆତ୍ମନିର୍ଭରତାକୁ ନେଇ ଆତ୍ମବିଶ୍ୱାସ ଆସିଛି। ବାହାରେ ସମାନତା ବିଷୟରେ ଚର୍ଚ୍ଚା ହେଉଥିବାବେଳେ ଘରେ କିନ୍ତୁ ପୁରୁଷକୈନ୍ଦ୍ରିକ ବ୍ୟବସ୍ଥା ଏବେ ବି ରହିଛି । ଏହି ଅସନ୍ତୁଳନ ମଧରେ ଘାଣ୍ଟି ହେଉଥିବା ମହିଳା ଏବେ ସ୍ୱର ଉଠାଇ ନିଜ କ୍ରୋଧ ଜାହିର କରୁଛନ୍ତି । ଗତ ଦଶନ୍ଧି ଭିତରେ ମହିଳା ନିଜର ଭାବନା ବ୍ୟକ୍ତ ପାଇଁ ଆଗକୁ ଆସୁଛନ୍ତି । କିନ୍ତୁ କାମ ଅପେକ୍ଷା ବେତନ କମ୍ ? ମିଳୁଛି ଓ ସେମାନଙ୍କଠାରୁ ଅଧିକ ଆଶା କରାଯାଉଛି । ଏଥିପାଇଁ ସେମାନଙ୍କର କ୍ରୋଧ ବଢୁଛି ।

# ହାତରେ ବାରକୋଡ୍‌ର ଟାଟୁ



ଅନେକ ଲୋକ ଟାଟୁ କରିବା ପାଇଁ ପସନ୍ଦ କରି ଥାଆନ୍ତି। କିଏ ଫୁଲର ଟାଟୁ ଆଙ୍କିଥାଏ ତ କିଏ ଭଗବାନଙ୍କର ବିଭିନ୍ନ ପ୍ରତିଛବିର ତ ଆଉ କିଏ ନିଜର ବାପା-ମା'ଙ୍କ ଦସ୍ତଖତର। ନିକଟରେ ଜଣେ ବ୍ୟକ୍ତି ବାରକୋଡର ଟାଟୁ ଆଙ୍କିଥିବା ଦେଖିବାକୁ ମିଳୁଛି। ତେବେ ଫଟୋ ଦେଖି ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥାଇ ପାରେ କି ଏମିତି ଟାଟୁ ବ୍ୟକ୍ତି ଜଣକ କାହିଁକି କରାଇଛନ୍ତି। କାରଣ ବାରକୋଡ ପ୍ରଡକ୍ଟ କିମ୍ବା ଟଙ୍କା ସ୍କାନ କରିବା ପାଇଁ ହୋଇଥାଏ। ଏଭଳି କ୍ଷେତ୍ରରେ କୌଣସି ବ୍ୟକ୍ତି ତାଙ୍କ ଶରୀରରେ ବାରକୋଡ ଟାଟୁ କରିବା ଘଟଣା ଆଶ୍ଚର୍ଯ୍ୟ କରି ଦେଉଛି। ଦେଖିବାକୁ ଗଲେ ଲୋକେ ଟଙ୍କା ବଦଳରେ ଅନଲାଇନ ପେମେଣ୍ଟ କରିବାକୁ ପସନ୍ଦ କରିଥାଆନ୍ତି। ଅଧିକାଂଶ ଲୋକ କାର୍ଡ କିମ୍ବା ଟ୍ରାନଜାକସନ ଆପ ମାଧ୍ୟମରେ ପେମେଣ୍ଟ କରିଥାଆନ୍ତି। ଯାହାକୁ ଭାରତରେ ବିଶେଷ ଭାବେ ୟୁପିଆଇ ପେମେଣ୍ଟ କୁହାଯାଇଥାଏ। ଆପଣ ଆପଣଙ୍କ ଫୋନରେ ଏକ କୋଡ ସ୍କାନ କରିଥାଆନ୍ତି, ଆଉ ଆପ ମାଧ୍ୟମରେ ପେମେଣ୍ଟ କରିଥାଆନ୍ତି। କିନ୍ତୁ ନିକଟରେ ଏମିତି ଏକ ଘଟଣା ଘଟିଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ତାଇବାନର ଜଣେ ବ୍ୟକ୍ତି ଏମିତି ଏକ ଆଶ୍ଚର୍ଯ୍ୟଜନକ କାମ କରିଛନ୍ତି। ସେ ଅନଲାନ ପେମେଣ୍ଟ କରିବା ପାଇଁ ହାତରେ ଏକ ବାରକୋଡ ଟାଟୁ ଆଙ୍କିଛନ୍ତି। କାରଣ ପ୍ରତିଥର ସେ ଫୋନ ବାହାର କରିବାକୁ ଆଳସ୍ୟ କରିଥାଆନ୍ତି। ବାରମ୍ବାର ଫୋନ ବାହାର କରି ପେମେଣ୍ଟ କରିବା ତାଙ୍କୁ ପସନ୍ଦ ନଥିବାରୁ ସେ ଏପରି ହାତରେ ବାରକୋଡର ଟାଟୁ ଆଙ୍କିଛନ୍ତି। ଏବେ ଯେତେବେଳେ ତାଙ୍କୁ କେ ?ଣସି ବ୍ୟକ୍ତି ପେମେଣ୍ଟ କରିବାକୁ ଚାହାନ୍ତି, ସେ ତାଙ୍କ ହାତକୁ ଦେଖାଇ ଦିଅନ୍ତି। ଆଉ ଲୋକେ ତାଙ୍କୁ ଯେତିକି ଟଙ୍କା ଦେବା କଥା ସେତିକି ଦେଇ ପେମେଣ୍ଟ କରି ଦେଇଥାଆନ୍ତି।

# ଏବେ ସାଉଥ୍ ଉପରେ ଅଧିକ ଧ୍ୟାନ : ରକୁଲ



ରକୁଲ ପ୍ରୀତ ସିଂହଙ୍କ ହାତରେ ଏବେ ଏକାଧିକ ସାଉଥ୍ ପ୍ରୋଜେକ୍ଟ। ସାଉଥରେ ଏକାଧିକ ହିଟ୍ ଫିଲ୍ମରେ ନଜର ଆସିଥିବା ଏହି ସୁନ୍ଦରୀ ୨୦୧୪ ମସିହାରେ ବଲିଉଡ୍‌ରେ ଏଣ୍ଟ୍ରି କରିବା ପରଠୁ ହିନ୍ଦୀ ଇଣ୍ଡଷ୍ଟ୍ରିରେ ବାନ୍ଧିହୋଇ ରହିଛନ୍ତି। ଏଠି ମଧ୍ୟ ଏକାଧିକ ହିଟ୍ ଫିଲ୍ମ ଦେଇ ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଛନ୍ତି। 'ଐୟାରି', 'ଦେ ଦେ ପ୍ୟାର୍ ଦେ', 'ମରଜାୱାଁ' ଭଳି ସଫଳ ଫିଲ୍ମରେ କାମ କରିବାର ସୁଯୋଗ ତାଙ୍କୁ ମିଳିଛି। ନିକଟରେ ମୁକ୍ତିପ୍ରାପ୍ତ 'ଡକ୍ଟର୍ ଜି' ଫିଲ୍ମ ଜରିଆରେ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି ରକୁଲ। ଏ ବର୍ଷ ରକୁଲ ପ୍ରାୟ ୫ଟି ବଲିଉଡ୍ ଫିଲ୍ମରେ ନଜର ଆସିଛନ୍ତି । କିନ୍ତୁ ସାଉଥ୍‌ରେ ତାଙ୍କର କୌଣସି ଫିଲ୍ମ ଏ ବର୍ଷ ରିଲିଜ୍ ହୋଇନାହିଁ। ତେବେ କିଛି ଫିଲ୍ମର ସୁଟିଂ ସେ କରିଛନ୍ତି ଏବଂ ସେଗୁଡ଼ିକର ମୁକ୍ତିଲାଭକୁ ଅପେକ୍ଷା କରିଛନ୍ତି । ଏବେ ଯାହା ଜଣାପଡୁଛି, ରକୁଲ ଅଧିକ ସାଉଥ୍ ଫିଲ୍ମ ସାଇନ୍ କରିବାକୁ ଚାହୁଁଛନ୍ତି। ଏ ବିଷୟରେ ସେ କହିଛନ୍ତି 'ମୁମ୍ବାଇ ଆସିବା ପରଠୁ ଅଧିକ ସାଉଥ୍ ପ୍ରୋଜେକ୍ଟ ମୁଁ ସାଇନ୍ କରିପାରି ନାହିଁ। ଏକାଧିକ ହିନ୍ଦୀ ଫିଲ୍ମରେ କାମ କରି ମୁଁ ବହୁତ ଥକିପଡ଼ିଛି। ଏବେ କେବଳ ମୋ ହାତରେ ତାମିଲ ଫିଲ୍ମ 'ଇଣ୍ଡିଆନ୍-୨' ଏବଂ ଏଲ୍ ବିଜୟଙ୍କ ନିର୍ଦ୍ଦେଶିତ ଆଉ ଏକ ଫିଲ୍ମ ରହିଛି, ଯାହାର ସୁଟିଂ ଶେଷ ହୋଇଛି। ଏଣିକି କିନ୍ତୁ ସାଉଥ୍ ଉପରେ ମୋର ବେଶି ଫୋକସ୍ ରହିବ।' ସାଉଥ୍‌ରେ ଭଲ ପ୍ରୋଜେକ୍ଟ ଆସିଲେ, ନିଶ୍ଚିତ ଭାବେ ସେ ସାଇନ୍ କରିବେ। ସମୟ ଅଭାବରୁ ସାଉଥ୍ ଫିଲ୍ମକୁ ସମୟ ଦେଇପାରିନଥିବା ରକୁଲ ଏବେ ତେଲୁଗୁ ଓ ତାମିଲରେ ନିଜ ଲୋକପ୍ରିୟତାକୁ ଖୁବ୍ ଝୁରୁଛନ୍ତି। ଖୁବ୍‌ଶୀଘ୍ର ଫିଲ୍ମ ଜରିଆରେ ଲୋକଙ୍କ ଭଲପାଇବା ପାଇବାକୁ ସେ ଆଶା ରଖିଛନ୍ତି।

# ଚିନ୍ତାରେ ରଣବୀର



ବଲିଉଡ୍‌ର ସବୁଠୁ ସୁନ୍ଦର ଯୋଡ଼ି ମ୍ଭରୁ ରଣବୀର କପୁର ଏବଂ ଆଲିଆ ଭଟ୍ଟ ଅନ୍ୟତମ। ନିକଟରେ ଦୁହେଁ ପିତାମାତା ହୋଇଛନ୍ତି। ଯାହା ଏକ ମାସ ହୋଇଗଲାଣି। ଗତ ନଭେମ୍ବର ୬ ରେ ଆଲିଆ ଭଟ୍ଟ ଏକ ଝିଅକୁ ଜନ୍ମ ଦେଇଥିଲେ। ଏହି ସମୟରେ ଉଭୟ ଦମ୍ପତ୍ତି ଅଧିକାଂଶ ସମୟ ଝିଅ ରାହା କପୁରଙ୍କ ସହ ଅତିବାହିତ କରୁଛନ୍ତି। ପିତା ହେବା ପରେ ରଣବୀର କପୁର ବହୁତ ଖୁସି ଅଛନ୍ତି। କିନ୍ତୁ ସେ ଗୋଟିଏ କଥା ବିଷୟରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ରେଡ ସି ିଲ୍ମ ଂ ଷ୍ଟିଭାଲ୍‌ରେ ଏହା ପ୍ରକାଶ କରିଛନ୍ତି। ନିକଟରେ ରଣବୀର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପାର୍ଟିରେ ଯୋଗ ଦେଇଥିଲେ। ଏହି ସମୟରେ ସେ ଚଳଚ୍ଚିତ୍ର, ପିତାମାତା ଏବଂ ଅନ୍ୟାନ୍ୟ ବିଷୟ ବିଷୟରେ କହିଥିଲେ। ଯେତେବେଳେ ରଣବୀରଙ୍କୁ ପଚରାଯାଇଥିଲା ପିତା ହେବା ପରେ ତାଙ୍କ ଜୀବନରେ କ'ଣ ପରିବର୍ତ୍ତନ ହୋଇଛି ସେ କହିଥିଲେ, 'ମୁଁ ଭାବୁଛି ମୁଁ କାହିଁକି ଏତେ ସମୟ ନେଇଥିଲି ମୋର ସବୁଠୁ ବଡ ଅସୁରକ୍ଷିତତା ହେଉଛି ଯେତେବେଳେ ମୋ ଝିଅକୁ ୨୦ ବା ୨୧ ହେବ, ସେତେବେଳେ ମୋତେ ୬୦ ବର୍ଷ ହୋଇ ଯାଇଥିବ। କ'ଣ ମୁଁ ସେମାନଙ୍କ ସହିତ ୁଟବଲ ଖେଳିପାରିବି, ନା ମୁଁ ସେମାନଙ୍କ ସହିତ ଦୌଡ଼ିପାରିବି। ଏହା ମୋର ବହୁତ ବଡ ଇନ୍‌ସିକ୍ୟୁରିଟି। ରଣବୀର କହିଛନ୍ତି ନିଶ୍ଚିତ ଭାବରେ ଏକ ଭିନ୍ନ ପ୍ରକାରର ଅଭିଜ୍ଞତା, ଯାହା ସେ ଏପର୍ଯ୍ୟନ୍ତ ଅନୁଭବ କରିନାହାଁନ୍ତି। ଆଲିଆ ଭଟ୍ଟ ଏବଂ ରଣବୀର କପୁର ପ୍ରାୟ ୫ ବର୍ଷ ପରସ୍ପରକୁ ଡେଟ କରିବା ପରେ ଚଳିତ ବର୍ଷ ଏପ୍ରିଲ ୨୦୨୨ରେ ବିବାହ କରିଥିଲେ। ଏହି ଦମ୍ପତ୍ତି ସେମାନଙ୍କର ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ବିବାହ କରିଥିଲେ। ସେମାନଙ୍କ ବିବାହର 'ଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ବିବାହର ୨ ମାସ ପରେ ଆଲିଆ ମା' ହେବାକୁ ଯାଉଛନ୍ତି ବୋଲି ସୋସିଆଲ ମିଡିଆରେ ଏକ ପୋଷ୍ଟ ଜଣାଇଥିଲେ।

# ୩୧ବର୍ଷ ହେବ ମାନସିକ ବିକୃତଙ୍କୁ ସାହାଯ୍ୟ କରୁଛନ୍ତି ସଞ୍ଜୟ

ସେବାରୁ ପ୍ରକୃତ ଆନନ୍ଦ ମିଳେ। ସେବା ଦ୍ୱାରା ଅନ୍ୟ ମାନଙ୍କୁ ଖୁସି କରିବାର କଳା ସମସ୍ତଙ୍କ ପାଖରେ ନଥାଏ। କିନ୍ତୁ ମଧ୍ୟପ୍ରଦେଶ ଛତରପୁରର ୫୫ବର୍ଷୀୟ ଓକିଲ ସଞ୍ଜୟ ଶର୍ମା ସେବାର ପ୍ରକୃତ ମୂଲ୍ୟ ବୁଝନ୍ତି। ଏଥିପାଇଁ ସେ ଦୀର୍ଘ ୩୧ବର୍ଷ ହେବ ମାନସିକ ବିକୃତ ଏବଂ ରାସ୍ତା କଡରେ ବୁଲୁଥିବା ଭିକାରୀଙ୍କର ସାହାଯ୍ୟ କରୁଛନ୍ତି। ସହରରେ ଯଦି କେହି ମାନସିକ ବିକୃତ ଲୋକ ଅସୁବିଧାରେ ପଡେ ଲୋକେ ଡାକ୍ତର କିମ୍ବା ପୋଲିସ୍‌ଙ୍କୁ ଜଣାଇବା ବଦଳରେ ସଞ୍ଜୟଙ୍କୁ ଫୋନ୍ କରନ୍ତି। ତେବେ ସଞ୍ଜୟଙ୍କର ଗରିବ, ଭିକାରୀ ଏବଂ ମାନସିକ ବିକୃତ ଲୋକଙ୍କୁ ଏମିତି ସାହାଯ୍ୟ କରିବା ପଛରେ ରହିଛନ୍ତି ତାଙ୍କ ଜେଜେ ମାଆ। ସଞ୍ଜୟଙ୍କୁ ପିଲାଦିନୁ ତାଙ୍କ ଜେଜେ ମାଆ ରାସ୍ତା କଡରେ ବୁଲୁଥିବା ମାନସିକ ବିକୃତ ଲୋକଙ୍କୁ ସାହାଯ୍ୟର ଆବଶ୍ୟକ ବୋଲି କହୁଥିଲେ। ସେ କହୁଥିଲେ, ମାନସିକ ବିକୃତ ଏବଂ ଭିକାରୀ ମାନଙ୍କର ପରିସ୍ଥିତି ବୁଝିବା ଆମ କର୍ତ୍ତବ୍ୟ। ସମାଜ ସେମାନଙ୍କୁ ଘୃଣା ଆଖିରେ ଦେଖେ କିନ୍ତୁ ସେ ଟିକେ ଅଧିକ ଭଲ ପାଇବା ଏବଂ ସ୍ନେହ ପାଇବାର ହକ୍‌ଦାର। ତେଣୁ ଯେତେବେଳେ ସୁଯୋଗ ମିଳିବ ସେମାନଙ୍କୁ ସାହାଯ୍ୟ କରିବୁ। ସଞ୍ଜୟ ଏପର୍ଯ୍ୟନ୍ତ ୬୦୦ରୁ ଅଧିକ ଗରିବ ଲୋକଙ୍କର ସାହାଯ୍ୟ କରିସାରିଲେଣି। କାହାକୁ ଖାଦ୍ୟ ତ କାହାକୁ ବାସ ଗୃହ ଯୋଗାଇ ସାରିଲେଣି ସଞ୍ଜୟ।




# ମହୁମାଛି ଧରାଳି



ମହୁମାଛି ଯାହାକୁ କାମୁଡିଛି ସେ ଜାଣିଛି ତାର ଯନ୍ତ୍ରଣା କିଭଳି। ସେଥିପାଇଁ ତ ମହୁଫେଣା ଭାଙ୍ଗିବାବେଳେ ଲୋକେ ସ୍ୱତନ୍ତ୍ର ସୁଟ୍ ପିନ୍ଧିବା ସହ ହାତରେ ଗ୍ଲୋଭ୍‌ସ ବି ଲଗାନ୍ତି। କିନ୍ତୁ ଆମେରିକା, ଟେକ୍ସାସ୍‌ରେ ରହୁଥିବା ଏରିକା ଥମ୍ପସନ୍ ନାମ୍ନୀ ମହିଳା ବିନା କୌଣସି ସୁରକ୍ଷା ପଦ୍ଧତି ଆପଣେଇ ଖାଲି ହାତରେ ମହୁଫେଣା ଭାଙ୍ଗନ୍ତି। ଆଉ ଆଶ୍ଚର୍ଯ୍ୟର କଥା ମହୁମାଛି ତାଙ୍କୁ କାମୁଡ଼ନ୍ତି ନାହିଁ। ଏରିକା ମହୁମାଛି ପାଳନ କରନ୍ତି। ହଜାର ହଜାର ମହୁମାଛି ଥିବା ମହୁଫେଣାକୁ ବିନା କୌଣସି ସୁରକ୍ଷା ପଦ୍ଧତି ଆପଣେଇ ବାହାର କରୁଥିବାର ଅନେକ ଫଟୋ ଓ ଭିଡିଓ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ କରନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯାଆନ୍ତି। ଲାଗେ ସତେ ଯେମିତି ମହୁମାଛିମାନେ ତାଙ୍କର ପୋଷା ମନିଯାଇଛନ୍ତି।

# ଜୋନାଥନକୁ ପୂରିଲା ୧୯୦ ବର୍ଷ

ବିଶାଳ କଇଁଛ ଜୋନାଥନ ଦ ସେଶଲ୍ସକୁ ପୂରିଲା ୧୯୦ ବର୍ଷ। ନେପୋଲିୟନଙ୍କ ମୃତ୍ୟୁର କିଛି ଘଣ୍ଟା ପରେ ଜନ୍ମ ହୋଇଥିବା କଇଁଛ ଜୋନାଥନ୍ ଆଜିର ଦୁନିଆର ସବୁଠୁ ବୟସ୍କ ଜୀବିତ ପ୍ରାଣୀ। ଫ୍ରାନ୍ସିସି ସମ୍ରାଟ ନେପୋଲିୟନ ବୋନାପାର୍ଟଙ୍କ ପରାଜୟ ପରେ ଦକ୍ଷିଣ ଆଟଲାଣ୍ଟିକକୁ ଲାଗି ରହିଥିବା ହେଲେନାରେ ନିର୍ବାସିତ ଜୀବନ କାଟୁଥିଲେ। ଏହି ସମୟରେ ୧୮୨୧ରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହାର କିଛି ବର୍ଷ ପରେ ଜନ୍ମ ହୋଇଥିବା ଏକ ବିଶାଳ କଇଁଛ ଜୋନାଥନ ଏବେ ସେହି ଅଞ୍ଚଳରେ ହିଁ ୧୯୦ ତମ ଜନ୍ମ ଦିନ ପାଳନ କରୁଛି। କଇଁଛର ମୋଟା ଏବଂ ମଜଭୁତ ଚମଡାରୁ ଅନୁମାନ କରାଯାଉଛି ଯେ, ୧୮୩୨ ମସିହାରେ ସେ ଅଣ୍ଡାରୁ ବାହାରି ଥାଇପାରେ। ସେଶେଲ୍ସରୁ କଇଁଛଟିକୁ ଜନ୍ମର ପ୍ରାୟ ୫୦ ବର୍ଷ ପରେ ବ୍ରିଟେନର ବିହାର ଅଞ୍ଚଳକୁ ନିଆଯାଇଥିଲା। ଏବେ କଇଁଛଟିକୁ ପ୍ଲାଣ୍ଟେସନ ହାଉସରେ ରଖାଯାଉଛି। ପ୍ଲାଣ୍ଟେସନ ହାଉସ ସେଣ୍ଟ ହେଲେନାର ଗଭର୍ଣ୍ଣର ହାଉସ। କଇଁଛ ନାଁରେ ଏକ ବିଶେଷ ଡାକ ଟିକେଟ୍ ମଧ୍ୟ ଜାରି କରାଯାଇଥିଲା।



# ଓଡ଼ିଶାରେ କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ରକୁ ମଜଭୂତ୍ କରିବା ପାଇଁ ତିନୋଟି ଏମଓୟୁ ସ୍ୱାକ୍ଷରିତ

### ଓଡ଼ିଶା ସରକାର ଏବଂ ଆଇଓସିଏଲ ମଧ୍ୟରେ ଏମଓୟୁ ଓଡ଼ିଶାକୁ ବିଶ୍ୱରେ ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ କରିବ- ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ଏପ୍ରିଲ ୦୯ - କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ବୈଠକରେ ଓଡ଼ିଶା ସରକାର ଏବଂ ଉର୍ଜା କ୍ଷେତ୍ରରେ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଥିବା ବେଳେ ଏହି ବୁଝାମଣା ଦ୍ୱାରା ଓଡ଼ିଶା ବିଶ୍ୱ ପାଇଁ ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ପାରାଦୀପ ଠାରେ ୫୮,୦୪୨ କୋଟି ଟଙ୍କାର ମେଗା ଡୁଆଲ ଫିଡ୍ କ୍ରାକର(ଡିଏଫସି) ଏବଂ ଏହାର ଡାଉନଷ୍ଟ୍ରିମ ୟୁନିଟ୍ ପାଇଁ ଓଡ଼ିଶା ସରକାର ଏବଂ ଆଇଓସିଏଲ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ଯାଜପୁର ଚଣ୍ଡିଖୋଲ ଠାରେ ୮,୭୪୩ କୋଟି ଟଙ୍କା ବ୍ୟୟରେ କ୍ରୁଡ ଅଏଲ ଷ୍ଟୋରେଜ୍ ଫାସିଲିଟି ପାଇଁ ଓଡ଼ିଶା ସରକାର ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍ ଏବଂ ଗୋପାଳପୁର ଠାରେ ୨୩୦୬ କୋଟି ଟଙ୍କା ବ୍ୟୟରେ ଏଲଏନଜି ଟର୍ମିନାଲ ପାଇଁ ଓଡ଼ିଶା ଏବଂ ପେଟ୍ରୋନେଟ୍ ଏଲଏନଜି ଟର୍ମିନାଲ ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଇଣ୍ଡିଆନ ଅଏଲର ପାରାଦୀପ ତୈଳ ବିଶୋଧନାଗାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଓଡ଼ିଶା ପାଇଁ ଅବଦାନ । ଏହାକୁ ବାଜପେୟୀଜୀ ଶୁଭ ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ । ସେହି ସମୟରେ ଏଠାରେ ପେଟ୍ରୋଲିୟମ ଉତ୍ପାଦ ସହ ପେଟ୍ରୋକେମିକାଲ ଉତ୍ପାଦ ବାହାର କରିବା ପାଇଁ ଯୋଜନା ହୋଇଥିଲା । ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟିରେ ଏକ ନୂଆ ଆଶା ଓ ଦିଗ ସୃଷ୍ଟି କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ସମ୍ଭାବନା ବିଷୟରେ ସ୍ପଷ୍ଟ ଭାବେ ଅବଗତ ଅଛନ୍ତି ଏବଂ ଏହି ସମ୍ଭାବନାକୁ ଉପଲବ୍ଧ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଏକ ବହୁ-ଅଂଶୀଦାର ସମବାୟ ଆଭିମୁଖ୍ୟ ଓଡ଼ିଶାର ବିକାଶକୁ ନୂଆ ଶିଖରରେ ପହଞ୍ଚାଇବ । ଆଜିର ଏମଓୟୁ ନେଇ ଶ୍ରୀ ପ୍ରଧାନ କହିଛନ୍ତି, ଯୋଜନା କରାଯାଇଥିବା ମେଗା ପୁଞ୍ଜିନିବେଶ ଓଡ଼ିଶାର ଅଭିବୃଦ୍ଧି ଯାତ୍ରାରେ ଏକ ନୂଆ ଯୁଗର ଶୁଭାରମ୍ଭ କରିବ । ଓଡ଼ିଶା ବିଶ୍ୱ ପାଇଁ ଏକ ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ ହେବ । ଏହି ନୂତନ ପୁଞ୍ଜିନିବେଶ ରାଜ୍ୟର ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବ ଏବଂ ଅଧିକରୁ ଅଧିକ ଓଡ଼ିଆ ଯୁବକ ଉଦ୍ୟୋଗୀ ହେବାରେ ସକ୍ଷମ ହେବେ । ଏସବୁ ପଦକ୍ଷେପ ଡବଲ ଇଞ୍ଜିନ ସରକାରର ଇସ୍ତାହାରର ଏକ ସ୍ପଷ୍ଟ ପ୍ରତିଫଳନ । ମେଗା ଡୁଆଲ ଫିଡ୍ କ୍ରାକର ଏବଂ ଏହାର ଡାଉନଷ୍ଟ୍ରିମ ୟୁନିଟ୍ ପେଟ୍ରୋକେମିକାଲ୍ସର ଆମଦାନୀ ଉପରେ




ନିର୍ଭରଶୀଳତା ହ୍ରାସ କରିବ ଏବଂ ଭାରତର ପେଟ୍ରୋକେମିକାଲ୍ସ ଉଦ୍ୟୋଗକୁ ସୁଦୃଢ଼ କରିବ । ଏହି ପ୍ରକଳ୍ପ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ନିବେଶ କ୍ଷେତ୍ରର ପ୍ରଗତିକୁ ତ୍ୱରାନ୍ୱିତ କରିବ । ବର୍ତ୍ତମାନ ୫.୩୩ ଏମଏମଟି (ମିଲିୟନ ମେଟ୍ରିକ୍ ଟନ୍) କ୍ଷମତା ବିଶିଷ୍ଟ ଏସପିଆର ସହିତ ଆମେ ଭାରତର ୯.୫ ଦିନର ଅଶୋଧିତ ତୈଳ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ । ଚଣ୍ଡିଖୋଲ ଠାରେ ୪ ଏମଏମଟି ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ପ୍ରତିଷ୍ଠା ହେଲେ ଦେଶର ଅଶୋଧିତ ତୈଳ ଆବଶ୍ୟକତା ଅତିରିକ୍ତ ୭ ଦିନ ବୃଦ୍ଧି ପାଇବ । ଫଳରେ ଭାରତରେ ମୋଟ ପ୍ରାୟ ୧୭ ଦିନର କ୍ରୁଡ୍ ଅଏଲ୍ ଆବଶ୍ୟକତା ପୂରଣ କରିବ । ସେହିପରି ବର୍ତ୍ତମାନ ଭାରତରେ ୭ଟି କାର୍ଯ୍ୟକ୍ଷମ ଏଲଏନଜି ଟର୍ମିନାଲ ରହିଛି, ଯାହାର କାର୍ଯ୍ୟକ୍ଷମ ପୁନଃ ଗ୍ୟାସିଫିକେସନ୍ କ୍ଷମତା ପ୍ରାୟ ୪୭.୭ ଏମଏମଟିପିଏ ରହିଛି । ପୂର୍ବ ଉପକୂଳରେ ତାମିଲନାଡୁ ଏନ୍ନୋର ପରେ ଓଡ଼ିଶାର ଧାମରା ଏବଂ ଏବେ ଗୋପାଳପୁର ତୃତୀୟ ଏଲଏନଜି ଟର୍ମିନାଲ ହେବ । ଏଲଏନଜି ଟର୍ମିନାଲ ପ୍ରତିଷ୍ଠା ସମଗ୍ର ପୂର୍ବ ଭାରତକୁ ଶକ୍ତି ଉପଲବ୍ଧତା ପାଇଁ ସେବା ଯୋଗାଇବ ଏବଂ ଶକ୍ତି ନିରାପତ୍ତା ବୃଦ୍ଧି କରିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୧୭ରେ ତାଙ୍କ ହସ୍ତକ୍ଷେପ କାରଣରୁ ଓଡ଼ିଶା ସରକାର ନଭେମ୍ବର ୨୦୧୫ରୁ ଜୁଲାଇ ୨୦୧୭ ମଧ୍ୟରେ ଆଇଓସିଏଲ୍ ଠାରୁ ଭାଟ୍ ବା ବିକ୍ରୟ ଟିକସ ବାବଦରେ ପ୍ରାୟ ୩୦୦୦ କୋଟି ଟଙ୍କା ରାଜକୋଷକୁ ପାଇଛନ୍ତି । ତାଙ୍କର ଏହି ଉଦ୍ୟମ କାରଣରୁ ଆଇଓସିଏଲ ପାରାଦୀପ ରିଫାଇନାରୀ ପ୍ରତିବର୍ଷ କେବଳ ଓଡ଼ିଶାର ରାଜକୋଷକୁ ପ୍ରାୟ ୬,୦୦୦ କୋଟି ଟଙ୍କା ଏବଂ ଓଡ଼ିଶା ଓ ଭାରତ ସରକାରଙ୍କ ରାଜକୋଷକୁ ପ୍ରାୟ ୨୭,୦୦୦ କୋଟି ଟଙ୍କା ପ୍ରଦାନ କରୁଛି । ଓଡ଼ିଶାରେ ଏଲପିଜି ସଂଯୋଗ ୨୦୧୪ ପୂର୍ବରୁ ୨୧ ଲକ୍ଷ ଥିବା ବେଳେ ଏବେ ରାଜ୍ୟରେ ଏଲପିଜି ସଂଯୋଗ ବଢ଼ି ୧ କୋଟି ୪ ହଜାରରେ ପହଞ୍ଚିଛି ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀଙ୍କ ସଂଖ୍ୟା ୫୫ ଲକ୍ଷରେ ପହଞ୍ଚିଛି । ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବା, ସମ୍ପତ୍ତି ସୃଷ୍ଟି, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଓଡ଼ିଶାରେ ନୂତନ ପିଢ଼ିର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଆମର ପ୍ରାଥମିକତା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି ଏବଂ ସିଏମ୍ ମୋହନ ମାଝୀଙ୍କ ନେତୃତ୍ୱ ସମସ୍ତ ନିବେଶକଙ୍କୁ ସମର୍ଥନ କରିବ । ଗତ ଦଶନ୍ଧିରେ ପେଟ୍ରୋଲିୟମ କ୍ଷେତ୍ରରେ ୨ ଲକ୍ଷ ୪ ହଜାର କୋଟିରୁ ଅଧିକ ଟଙ୍କା ପୁଞ୍ଜିନିବେଶ ସହ ଓଡ଼ିଶା ବିଶ୍ୱର ଶକ୍ତି ପରିବର୍ତ୍ତନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି । ସ୍ୱଚ୍ଛ ଭାରତ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ନୂଆ ବାୟୋ ଗ୍ୟାସ ପଲିସି ଆଣିବା ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଅନୁରୋଧ କରିଛନ୍ତି ।

## ନାରୀ ସୁରକ୍ଷା ଦାବିରେ ମହମବତୀ ଶୋଭାଯାତ୍ରା

କର୍ଲାମୁଣ୍ଡା, ୯/୪(ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତଚରଣ ଦାସ ଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡିଶାରେ କଂଗ୍ରେସ କର୍ମୀମାନେ ବିଭିନ୍ନ ଗାଁ ମାନଙ୍କରେ ନାରୀ ସୁରକ୍ଷା ଦାବିରେ ମହମବତୀ ଶୋଭାଯାତ୍ରା କାର୍ଯ୍ୟକ୍ରମ ଜାରୀ ରହିଛି । ଆସନ୍ତା ଏପ୍ରିଲ ୧୫ ତାରିଖ ଦିନ ୩୧୪ ଟି ବ୍ଲକ ଏବଂ ଏପ୍ରିଲ ୨୧ ତାରିଖ ଦିନ ସମସ୍ତ ଜିଲ୍ଲା ସଦରମହକୁମା ରେ ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ରହିଛି । ବ୍ଲକ କଂଗ୍ରେସ ତରଫରୁ କର୍ଲାମୁଣ୍ଡା ବ୍ଲକ ବ୍ୟବସାୟିକ କେନ୍ଦ୍ର ରିଷିଡା ଠାରେ ମହମବତୀ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀନଗର ପଡ଼ାରୁ ଶତାଧିକ ମହିଳା ଏବଂ ଗ୍ରାମବାସୀଙ୍କ ଦ୍ୱାରା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ହୋଇଥିଲା । ଏହି ଶୋଭାଯାତ୍ରାରେ ରିଷିଡା କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଗୋବର୍ଦ୍ଧନ କୁମାର ଏବଂ ଯୁବ ନେତା ମାର୍କଣ୍ଡ ସାହୁ ଙ୍କ ନେତୃତ୍ୱରେ ନାରୀ ସୁରକ୍ଷା ଦାବିରେ ସ୍ଲୋଗାନ ଦେବା ସହ ବିଜେପି ସରକାର ବିରୋଧ ଗର୍ଜି ଥିଲେ । ଏହି ଶୋଭାଯାତ୍ରାରେ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀଯୁକ୍ତ ସୁରେଶ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ରାଜକିଶୋର ମିଶ୍ର,ବୋରପଦର ଗ୍ରାମପଞ୍ଚାୟତ ର ପୂର୍ବତନ ସରପଂଚ ଦୟା ମାଝୀ ଉପସ୍ଥିତ ଥିଲେ ।

## କୃଷି ବିଭାଗ ପକ୍ଷରୁ ଅଣଆବାସିକ ତାଲିମ ଶିବିର

ପାଟଣା ୯/୪(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟରେ ଥିବା କୃଷି କାର୍ଯ୍ୟାଳୟରେ ଆଜି ୧୦ ଘଟିକା ସମୟରେ ୩୦ଜଣ ଚାଷୀଙ୍କୁ ନେଇ ଆଧୁନିକ ବୈଜ୍ଞାନିକ ପଦ୍ଧତି ଦ୍ୱାରା ସୂର୍ଯ୍ୟ ମୁଖୀ, ତୈଳବୀଜ ଜାତୀୟ ଫସଲ ଚାଷକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କୃଷି ଅଧିକାରୀ ବର୍ଷା ବୈଶାଳୀ ଙ୍କ ସଭାପତିତ୍ୱ ରେ ଦୁଇ ଦିନିଆ ଅଣଆବାସିକ ତାଲିମ ଶିବିରର ଆୟୋଜନ କରାଯାଇଛି । ଏହି ତାଲିମରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କୃଷକମାନେ ଅଂଶଗ୍ରହଣ କରିଛନ୍ତି ।ଏହି ଶିବିରରେ ସହକାରୀ କୃଷି ଅଧିକାରୀ ପରେଶ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାହାରପଡା କୃଷି ଅଧିକାରୀ ଅଜିତ କୁମାର ପଲେଇ ଯୋଗ ଦେଇ ବୈଜ୍ଞାନିକ ଉପାୟରେ ତୈଳବୀଜ ଚାଷ କରାଗଲେ ଫସଲ ଉତ୍ପାଦନ ବୃଦ୍ଧି ପାଇପାରିବ ଓ କୃଷକଙ୍କ ଆୟ ବଢିବ ।ଏହି ତାଲିମ ଶିବିର ଦ୍ୱାରା କୃଷକମାନେ ବୈଜ୍ଞାନିକ ଜ୍ଞାନ ଅଧିଗତ କରି ଉତ୍ତମ ଚାଷ ପ୍ରଣାଳୀରେ ଅଗ୍ରଗାମୀ ହେବେ ବୋଲି ଆୟୋଜକ ବୃନ୍ଦ ଆଶା ବ୍ୟକ୍ତ କରିଛନ୍ତି ।

## ଖୁରେଇଟାଙ୍ଗିରୀରେ ରକ୍ତଦାନ ଶିବିର

ପାଟଣା ୯/୪(ନି.ପ୍ର): ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜିର ଦିନଟି ରକ୍ତଦାତାଙ୍କ ପାଇଁ ଥିବାବେଳେ ପାଟଣା ବ୍ଲକ ଅନ୍ତର୍ଗତ ଖୁରେଇଟାଙ୍ଗିରୀ ଠାରେ ଏଥିପାଇଁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବିଶ୍ୱବିନାୟକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନଷ୍ଠିତ ଶିବିରକୁ ମୁଖ୍ୟଅତିଥି ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଉଦଘାଟନ କରିଥିଲେ । ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରବିନାରାୟଣ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଲଗ୍ନା ସୁଶାନ୍ତ ଙ୍କ ସହଯୋଗରେ ଏହି ଶିବିରରେ ଜିଲ୍ଲା ସଂଯୋଜକ ଅଧାପକ ହିମାଂଶୁ କୁମାର ମହାନ୍ତ, କେନ୍ଦୁଝର ମହିଳା ମହାବିଦ୍ୟାଳୟରୁ ପ୍ରାଧାପକ ବିଷ୍ଣୁଚରଣ ଦାସ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ, ସମାଜସେବୀ ଅଶୋକ କୁମାର ମହାନ୍ତ ପ୍ରମୁଖଙ୍କ ଉପସ୍ଥିତିରେ ଓଡ଼ିଶା ରକ୍ତ ଭଣ୍ଡାର ଜିଲ୍ଲା ଶାଖାର କର୍ମଚାରୀମାନେ ରକ୍ତଦାତାଙ୍କ ଠାରୁ ମୋଟ ୩୪ ୟୁନିଟ ରକ୍ତ ସଂଗ୍ରହ କରିଥିଲେ ।

## କାଶିବେଡା ଗ୍ରାମରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ



ପାଟଣା ୯/୪(ନି.ପ୍ର): ଘଟଗାଁ ବ୍ଲକ ଖଣ୍ଡଘର ପଞ୍ଚାୟତ ଅନ୍ତର୍ଗତ କାଶିବେଡା ଗ୍ରାମରେ ଏପ୍ରିଲ ୬ ରୁ ୯ ତାରିଖ ଯାଏ ଗୌରାଙ୍ଗ ମହାପ୍ରଭୁଙ୍କ ୨୪ ପ୍ରହର ଅଖଣ୍ଡ ମହାମନ୍ତ୍ର ନାମ ଯଜ୍ଞ ଧୁମଧାମରେ ଅନୁଷ୍ଠିତ ହୋଇଛି । କାଶିବେଡା ସଙ୍କୀର୍ତ୍ତନ ମଣ୍ଡଳୀ ପ୍ରତିବର୍ଷ ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞକୁ ସବୁଦୃଷ୍ଟିରୁ ସଫଳ କରାଇ ଆସୁଛନ୍ତି । ପ୍ରତ୍ୟହ ଏଠାରେ ହଜାର ହଜାର ଶ୍ରଦ୍ଧାଳୁ ନାମ ଯଜ୍ଞ ଶୁଣିବା ସହ ପ୍ରସାଦ ସେବନରେ ସାମିଲ ହେଉଥିବା ଦେଖାଯାଉଛି । କାଶିବେଡା ଗ୍ରାମର ଏହି ନାମଯଜ୍ଞ ୬ତାରିଖ ଶୁଭାଧିବାସ ସହ ୯ ଯାଏଁ ନାମଯଜ୍ଞ ଓ ୯ରେ ନଗର କୀର୍ତ୍ତନ ସହ ଉଦଯାପନ ପର୍ବ ଅନୁଷ୍ଠିତ ହେବ । ଏଠାରେ ସାହାରପଡା ବ୍ଲକର ଯାମୁନାଳିଆ ସଙ୍କୀର୍ତ୍ତନ ମଣ୍ଡଳୀ, ହରିଚନ୍ଦନପୁର ବ୍ଲକ ପିଠାଗୋଳା ଓ ଧନୁର୍ଜୟପୁର, ପାଟଣା ବ୍ଲକର ବାଉଁଶୁଳି ସଙ୍କୀର୍ତ୍ତନ ମଣ୍ଡଳୀ ଓ କାଶିବେଡା ସଙ୍କୀର୍ତ୍ତନ ମଣ୍ଡଳୀ ଏଠାରେ ଅଖଣ୍ଡ ନାମ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି । ଏହି ନାମ ସଙ୍କୀର୍ତ୍ତନ ବୁଧବାର ଉଦଯାପିତ ହେବ । କମିଟି ପକ୍ଷରୁ ଡମ୍ବରୁଧର ମାନସିଂହ, ବେଣୁଧର ନାୟକ, ମହେଶ୍ୱର ନାୟକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ସିତୁନ ରାଉତ, ଚେମୁ ନାୟକ, ଅନିଲ ରାଉତ, ପୁରନ୍ଦର ନାୟକ, କୃଷ୍ଣଚନ୍ଦ୍ର ନାୟକ, ଭାବଗ୍ରାହୀ ବାରିକ୍, ଫକୀର ମୋହନ ନାୟକ ଓ ରବିନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଜରଡା ପି ଏମ୍ ଶ୍ରୀ ନବପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଓ ବାର୍ଷିକ ଉତ୍ସବ

ଓଡ଼ାପଡ଼ା/ହିନ୍ଦୋଳ ୯/୪(ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଜରଡା ଗ୍ରାମ ପଞ୍ଚାୟତ ପି ଏମ୍ ଶ୍ରୀ ନବପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ୫ ତାରିଖରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇତିଶ୍ କୁମାର ବରାଳଙ୍କ ଦ୍ୱାରା ଉଦ୍ ଘାଟିତ୍ ହୋଇଥିବା ବେଳେ ୭ ତାରିଖରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ଆୟୋଜିତ କ୍ରୀଡା ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ହିନ୍ଦୋଳ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଇଂରାଜୀ ଅଧକ୍ଷପକ ବିରଞ୍ଚି ନାରାୟଣ ତ୍ରିପାଠୀ ଯୋଗ ଦେଇ କ୍ରୀଡା ଶିଶୁର ସର୍ବାଙ୍ଗୀନ ବିକାଶରେ ସହାୟକ ହେଉଥିବା ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ଦର୍ଶନ ଶାସ୍ତ୍ର ଅଧକ୍ଷପକ ହୃଦାନନ୍ଦ ବେହେରା,ଜରଡା ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ଞାନରଞ୍ଜନ ଦାସ, ସମିତି ସଭ୍ୟା ଶୁଭଶ୍ରୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏଭଳି ବାର୍ଷିକ ଉତ୍ସବ ଆୟୋଜନର ବହୁ ବିଧ ଉପକ୍ଷଦେୟାତା ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ପକ୍ଷରମ୍ଭରେ ପ୍ରଧାନ ଶିକ୍ଷକଙ୍କ ସ୍ୱାଗତ ଭାଷଣ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ,ଉତ୍ତରୀୟ, ମୋମେଣ୍ଟୋ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କ୍ରୀଡା କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଜୀବନଜ୍ୟୋତି ବିଶ୍ୱାଳ ଏବଂ ରମେଶ ଚନ୍ଦ୍ର ସକ୍ଷହୁ ପ୍ରମୁଖ ପରିଚାଳନା କରିଥିଲେ । ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା ଯୋଗ ଦେଇ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ଚରିତ୍ର ବିକାଶ ପାଇଁ ମତ ଓ ମନ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ହିନ୍ଦୋଳ ଗୋଷ୍ଠି ଶିକ୍ଷା ଅଧିକାରୀ ହରିହର ଦେହୁରୀ ଯୋଗ ଦେଇ ଶିକ୍ଷକ ଶିକ୍ଷୟତ୍ରୀମାନେ ପିଲାଙ୍କୁ ବୁଝିବା ସହ ବୌଦ୍ଧିକ ଆକଳନ କରି ପ୍ରତିକକ୍ଷରକ୍ଷମୂକ ଶିକ୍ଷଣର ବ୍ୟବସ୍ଥା କରିବା ନିମିତ୍ତ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷୟତ୍ରୀ ଅଞ୍ଜଳୀ ମଲ୍ଲିକ ୨୦୨୪-୨୫ ଶିକ୍ଷା ବର୍ଷର ବାର୍ଷିକ କ୍ରୀଡା



ବିବରଣୀ ପାଠ କରିଥିବା ବେଳେ ରଶ୍ମିତା ମହାପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ମଞ୍ଚ ସାଜ ସଜ୍ଜାରେ ହରପ୍ରିୟା କର, ପ୍ରଭାତୀ ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ । ଏହି ବାର୍ଷିକ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ କୃତି ଶିକ୍ଷକ ରାମଚନ୍ଦ୍ର ସାହୁ ଓ ସୁରେଶ ଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆହୁରି ମଧ୍ୟ ପ୍ରଧାନ ଶିକ୍ଷକ ଜଗନ୍ନାଥ ପ୍ରସାଦ ନାଥ, ପବିତ୍ର କୁମାର ପ୍ରଧାନ, ଜରଡ଼ା ଗ୍ରାମର ବିରଞ୍ଚି ନାରାୟଣ ପାଳ , ଠେଙ୍ଗାର କୈଳାଶ ଚନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ ବରିଷ୍ଠ ବର୍ଗର ଶକ୍ତି ପ୍ରସାଦ ନାୟକ, ଶ୍ରୀୟା ମହାରଣା ଏବଂ କନିଷ୍ଠ ବର୍ଗରେ ଶ୍ରୁତି ବେହେରା, ରାହୁଲ ଗୋଚ୍ଛାୟତଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା । ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ପ୍ରଦିପ ବେହେରା,ସବ୍ୟସଚୀ ବେହେରା ଏବଂ ଅଣ ଶିକ୍ଷକ କର୍ମଚାରୀ ସସ୍ମିତା ପାଳ, ଅଖିଳ କୁମାର ପାଳ ଛାତ୍ରଛାତ୍ରୀ ଏବଂ ପିତାମାତାଙ୍କ ପାଇଁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିଥିଲେ । ବିଦ୍ୟାଳୟ ଶିକ୍ଷୟତ୍ରୀ ଧରିତ୍ରୀ ଜଗଦେବ ଓ ଅଫିସ ସହାୟକ ସୁଭ୍ରକାନ୍ତ ସାହୁ ମାନପତ୍ର ଓ ଉପଢଙ୍କନ୍ ପ୍ରଦାନରେ ସହାୟକ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ମଦନ ମୋହନ ଦାସ ଭିଡିଓ ଗ୍ରାଫି ଓ ଫଟୋ ଚିତ୍ର ସଙ୍କଳନରେ ସହାୟତା ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ବରିଷ୍ଠ ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ପ୍ରଦୀପ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ମଞ୍ଚ ସଂଯୋଜନା କାର୍ଯ୍ୟ ସମାପନ ହୋଇଥିଲା । ଶେଷରେ ବାର୍ଷିକ ଉତ୍ସବ ସନ୍ଧ୍ୟାରେ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯକ୍ରମ ପ୍ରଦର୍ଶିତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଶତାଧିକ ଜନତା ଏହାକୁ ମନଭରି ଉପଭୋଗ କରିଥିଲେ ।

## ମାଫିଆଙ୍କ ଦାଦାଗିରି, ୨ ଜଣଙ୍କୁ ହତ୍ୟା ଉଦ୍ୟମ

ମୟୂରଭଞ୍ଜ ୯/୪(ନି.ପ୍ର): ମୟୂରଭଞ୍ଜରେ ଲଘୁ ଖଣିଜ ଚାଲାଣ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିପାରୁନି ପ୍ରଶାସନ । ଆଉ ସାଧାରଣ ଲୋକେ ଏହାର ବିରୋଧ କଲେ ସେମାନଙ୍କୁ ମାଫିଆଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି । ଜିଲ୍ଲାର ଉଦଳା ଓ କୁଳିଅଣା ବ୍ଲକ୍ ୨ରୁ ଏଭଳି ଦୁଇଟି ଘଟଣା ସାମ୍ନାକୁ ଆସିଛି । ଚୋରା ବାଲି ଚାଲାଣକୁ ବିରୋଧ କରିବାରୁ ବାଲି ମାଫିଆ ଜଣେ ଯୁବକଙ୍କୁ ଉଦଳା ବଜାରରେ ପ୍ରାଣାନ୍ତକ ଆକ୍ରମଣ କରିଥିବା ବେଳେ କୁଳିଅଣାରେ ପଥର ମାଫିଆ ଜଣେ ଯୁବକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଛନ୍ତି ।ଅଭିଯୋଗ ଅନୁସାରେ, ସୋମବାର ଭୋର୍ ୪.୩୦ ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି-୦୧ଏଏମ-୮୨୪୪) ଉଦଳା-କପ୍ତିପଦା ମୁଖ୍ୟ ରାସ୍ତାରେ ଯାଉଥିବା ବେଳେ ଭୀମତାଳି ପଞ୍ଚାୟତ ବାଉଁଶପାଳ ଗ୍ରାମର କିଛି ଲୋକ ଅଟକାଇଥିଲେ । ଏହାପରେ ଉଦଳା ଏନ୍‌ଏସିର କିଛି ଯୁବକ ସେଠାରେ ପହଞ୍ଚି ପାଟିତୁଣ୍ଡ କରିବାରୁ ଗ୍ରାମବାସୀ ଟ୍ରାକ୍ଟରକୁ ଛାଡ଼ି ଦେଇଥିଲେ । ତେବେ ଆଜି ଦିନ ସାଢ଼େ ୧୧ଟା ସମୟରେ ଉଦଳା ଏନ୍‌ଏସିର ଦେବାଶିଷ ଘୋଷ ଓ ଶୁଭମ ମୁଖି ବାଉଁଶପାଳ ଗ୍ରାମର ବିକର୍ତ୍ତନ ପୋଇ (୨୭)ଙ୍କୁ ଫୋନ୍ କରି ଉଦଳା ଡାକିଥିଲେ । ଉଦଳା ବଜାରରେ ସେମାନେ ଗାଳିଗୁଲଜ କରିବା ସହ ବାଉଁଶରେ ମୁଣ୍ଡକୁ ପିଟିଥିଲେ । ଏହାପରେ ଦାଉଦ୍ ନାମକ ଅନ୍ୟ ଜଣେ ଯୁବକ ପହଞ୍ଚିବା ପରେ ସମସ୍ତେ ମିଶି ନିସ୍ତୁକ ମାଡ଼ ମାରିଥିଲେ ବୋଲି ବିକର୍ତ୍ତନ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଦେବାଶିଷଙ୍କୁ ଗିରଫ କରିଥିବା ବେଳେ ଶୁଭମ୍ ଓ ଦାଉଦ୍ ଫେରାର ଥିବା ଉଦଳା ଥାନା ଅଧିକାରୀ ବନମାଳୀ ବାରିକ କହିଛନ୍ତି । ଉଦଳା ତହସିଲ ଅଞ୍ଚଳରେ କୌଣସି ବାଲିଘାଟକୁ ମଞ୍ଜୁରି ମିଳିନଥିବା ବେଳେ ମାଫିଆମାନେ ବେଧଡ଼କ ବାଲି ଲୁଟୁଛନ୍ତି । ଏହାକୁ ବିରୋଧ କଲେ ଆକ୍ରମଣ କରାଯିବା ଘଟଣାକୁ ବ୍ଲକ୍ ଉପାଧ୍ୟକ୍ଷ ରଜନୀ ଦାସ ଦୃଢ଼ ନିନ୍ଦା କରିଛନ୍ତି ।ସେହିପରି, ରବିବାର ରାତିରେ କୁଳିଅଣା ଥାନା ଟମକିଆଶୋଳ ମନ୍ଦିର ନିକଟରେ ବେଆଇନ ପଥର ଚାଲାଣକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ମାଫିଆମାନେ ଗାଡ଼ି ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ପଥର ମାଫିଆଙ୍କ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇ ଏବେ ବାରିପଦା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ମଣ୍ଟୁ ନାଏକ । ପଥର ଚୋରାଚାଲାଣକୁ ବିରୋଧ କରିବାରୁ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେବାକୁ ଉଦ୍ୟମ ହୋଇଥିଲା । ତେବେ ସେ କୌଣସମତେ ନିଜ ଜୀବନ ବଞ୍ଚାଇ ଚାଲି ଆସିଥିଲେ ବୋଲି ମଣ୍ଟୁ କହିଛନ୍ତି । ଚିକିତ୍ସିତ ହୋଇ ଫେରିଲେ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି । ତେବେ ମଣ୍ଟୁ ନାଏକ ଓ ଅନ୍ୟ ୬ଜଣ ଯୁବକ ତାଙ୍କ ଗାଡ଼ି ଅଟକାଇ ଦାଦା ବଟି ମାଗିଥିବା ପାଲଟା ଅଭିଯୋଗ କରିଛନ୍ତି ବାରିପଦା ରଘୁନାଥପୁର ଅଞ୍ଚଳର ପ୍ରଭାତ ରଞ୍ଜନ ବେହେରା । ଏନେଇ କୁଳିଅଣା ଥାନାରେ ୬୬/୨୫ରେ ମାମଲା ରୁଜୁ ହୋଇଛି ।

## ସାମ୍ବାଦିକା ଙ୍କୁ ଆକ୍ରମଣ ଘଟଣାରେ ଏସୟୁଜେ ଜିଲ୍ଲା ଶାଖା ର ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ

ଯାଜପୁର ୯/୪(ନି.ପ୍ର): ଗତ ରବିବାର ଦିନ ପୁରୀ ରେ ଶ୍ରୀମନ୍ଦିର ସମ୍ମୁଖରେ ଖବର ସଂଗ୍ରହ କରୁଥିବା ବେଳେ କର୍ତ୍ତବ୍ୟରତ ସାମ୍ବାଦିକା ଲିନୁ ନାୟକ ଏବଂ ତାଙ୍କ କ୍ୟାମେରାମ୍ୟାନ ଶିବ ପଲେଇ ଙ୍କୁ ନିଜକୁ ସେବାୟତ କହୁଥିବା କେତେକ ଗୁଣ୍ଡା ମରଣାନ୍ତକ ଆକ୍ରମଣ କରିଥିଲେ । ଏପରିକି ସେମାନଙ୍କ ଠାରୁ କ୍ୟାମେରା ଓ ମୋବାଇଲ ଫୋନ ମଧ୍ୟ ଛଡାଇ ନେଇଯାଇଥିଲେ ।ଏହି ଘଟଣା କୁ ୩ ଦିନ ବିତିଯାଇଥିଲେ ସୁଦ୍ଧା ପୁରୀ ଜିଲ୍ଲା ପୋଲିସ ପ୍ରଶାସନ ଅଭିଯୁକ୍ତ ମାନଙ୍କୁ ଗିରଫ କରିନାହିଁ । ବରଂ ପୋଲିସ ବିଭିନ୍ନ ଆଳ ଦେଖାଇ ଘଟଣା କୁ ଜଟିଳ ରୂପ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି ।ଲିନୁ ନାୟକ କେବଳ ସାମ୍ବାଦିକା ନୁହଁନ୍ତି,ସେ ଜଣେ ମହିଳା ମଧ୍ୟ ।ସର୍ବ ସମ୍ମୁଖ ରେ ଜଣେ ମହିଳା ତଥା କର୍ତ୍ତବ୍ୟରତ ସାମ୍ବାଦିକା ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ଟଣାଓଟରା ଓ ଧକ୍କା ଦିଆଯିବା ପରି ଦୃଶ୍ୟ ବିଭିନ୍ନ ଗଣମାଧ୍ୟମ ରେ ଏପରିକି ସାମାଜିକ ଗଣମାଧ୍ୟମ ରେ ଘୁରି ବୁଲୁଥିଲେ ମଧ୍ୟ ପ୍ରଶାସନ ଆକ୍ରମଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛି । ପ୍ରଶାସନ ଏବଂ ପୋଲିସର ଏପରି ମାନସିକତା ଯୋଗୁଁ ରାଜ୍ୟ ର ବିଭିନ୍ନ ଅଞ୍ଚଳ ରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଓ ମିଛ ମାମଲା ବଢ଼ି ଚାଲିଛି । କହିବାକୁ ଗଲେ ସେ ସରକାର ଠାରୁ ଆରମ୍ଭ କରି ଏ ସରକାର ପର୍ଯ୍ୟନ୍ତ ସବୁ ସମୟରେ ସାମ୍ବାଦିକ ମାନଙ୍କ ଉପରେ ଏପରି ଆକ୍ରମଣ ଓ ମିଛ ମାମଲା ଯୋଗୁଁ ସାମ୍ବାଦିକ ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି ।ଅନ୍ୟାୟ ଅନୀତି ଓ ଦୁର୍ନୀତି ବିରୁଦ୍ଧରେ ଖବର ସଂଗ୍ରହ କରିବା ଏଥି ଯୋଗୁଁ କଷ୍ଟକର ହୋଇ ପଡ଼ିଛି ।ଏପରି ସ୍ଥଳେ ପୁରୀ ଘଟଣା ରେ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାଯିବା ଏବଂ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରାଯିବା ଦାବି ନେଇ ମଙ୍ଗଳବାର ଦିନ 'ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶା' ର ଜିଲ୍ଲା ଶାଖା ଯାଜପୁର ଜିଲ୍ଲା ସାମ୍ବାଦିକ ସଙ୍ଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଯାଜପୁର ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଙ୍କୁ ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ ର ଏହି ପ୍ରତିନିଧି ଦଳରେ ଏସୟୁଜେ ଓଡ଼ିଶା ର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ଜିଲ୍ଲା ଶାଖା ସଭାପତି ସୁବାଷ ଧଳ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ଜିଲ୍ଲା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ଦିପ୍ତ ରାୟ, ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସେକ ଦାସ, ଶୁଭକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ ।

## ବିବାହ ପ୍ରତିଶ୍ରୁତି ଦେଇ ଦୁର୍ଷ୍କର୍ମ ଘଟଣା, ଅଭିଯୁକ୍ତ ଗିରଫ

ହିଞ୍ଜିଳିକାଟୁ ୯/୪(ନି.ପ୍ର): ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ଯୁବତୀ ଜଣଙ୍କ ବିବାହ କରିବା ପାଇଁ ଜିଦ୍ କରିବାରୁ ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିଲେ । ପୀଡିତା ଯୁବତୀ ଜଣଙ୍କ ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ-୫୮୩/୨୪ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା । ଘଟଣାର ୧୦ ମାସ ପରେ ପୁଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣଙ୍କ ହେଲେ ହିଞ୍ଜିଳି ଥାନା ବ୍ରାହ୍ମଣଛାଇ ଗ୍ରାମର ସୁଶାନ୍ତ ନାହାକ (୨୮) । ପୁଲିସ ସୂଚନା ପ୍ରକାରେ, ହିଞ୍ଜିଳି ଥାନା ବ୍ରାହ୍ମଣଛାଇ ଗ୍ରାମର ସୁଶାନ୍ତ ନିକଟସ୍ଥ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ୍ ଜାଲରେ ଫସାଇଥିଲେ । ପରେ ବିବାହର ପ୍ରଲୋଭନ ଦେଖାଇ ୨ ବର୍ଷ ଧରି ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ । ଯୁବତୀ ଜଣଙ୍କ ସଂପୃକ୍ତ ଯୁବକଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିବାରୁ ଯୁବକ ଜଣଙ୍କ ବେଙ୍ଗାଲୁର ଫେରାର ହୋଇଯାଇଥିଲେ । ଗତ ୪ ଦିନ ପୂର୍ବେ ଯୁବକ ଜଣଙ୍କ ଗ୍ରାମକୁ ଫେରିଥିବା ଖବର ପାଇ ହିଞ୍ଜିଳି ପୁଲିସ ମଙ୍ଗଳବାର ଭୋରରେ ବ୍ରାହ୍ମଣଛାଇ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫ କରି ଶେରଗଡ଼ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଏସଆଇ ତଥା ତଦନ୍ତକାରୀ ଅଧିକାରୀ ସୁନିଲ କଣ୍ଡାଗୋରିଙ୍କ ସୂତ୍ରରୁ ପ୍ରକାଶ ।

## ଚୈତ୍ର ଶେଷ ମଙ୍ଗଳବାର , ମା' ଶ୍ୟାମଳାଇ ଓ କରେଇଶୁଣୀଙ୍କ ଚୈତ୍ର ଯାତ୍ରା ଉଦଯାପିତ

ହିଞ୍ଜିଳିକାଟୁ ୯/୪(ନି.ପ୍ର): ଚୈତ୍ର ମାସ ଚତୁର୍ଥ ପାଳି ମଙ୍ଗଳବାର ଉପଲକ୍ଷେ ହିଞ୍ଜିଳିକାଟୁ ବ୍ଲକ ନୂଆଁ ବୁରୁପଡା ନିକଟସ୍ଥ ତଥା ସ୍ଥାନୀୟ ଅଞ୍ଚଳର ଇଷ୍ଟଦେବୀ ମା' ଶ୍ୟାମଳାଇ ଓ ଖରିଡା ସ୍ଥିତ ମା' କରେଇଶୁଣୀଙ୍କ ପୀଠରେ ସହସ୍ରାଧିକ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି । ମଙ୍ଗଳବାର ଭୋରରୁ ମା'ଙ୍କ ମଙ୍ଗଳ ଆଳତି, ମଇଲମ, ସୂର୍ଯ୍ୟପୂଜା, ଚଇପତି ଲାଗି, ବାଲଭୋଗ ସମେତ ସମସ୍ତ ଦେବିନୀତି ସମାପନ ପରେ ଭକ୍ତ ମାନଙ୍କୁ ମା' ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ସକାଶେ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଇଥିଲା । ଭକ୍ତ ମାନେ ମା' ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ବହୁ ସମୟ ଧରି ଲମ୍ବା ଲାଇନରେ ଅପେକ୍ଷା କରି ରହିଥିଲେ । ମାନସିକ ଧାରୀ ମାନେ ନିଜ ନିଜ ଶିଶୁଙ୍କ ମୁଣ୍ଡନ କରାଇଥିଲେ । ବହୁ ଦୁର ଦୂରାନ୍ତରରୁ ଭକ୍ତ ମାନେ ସୋମବାର ରାତିରୁ ଆସି ମନ୍ଦିର ପରିସରରେ ଭିଡ ଜମାଇଥିଲେ । ମନ୍ଦିର ଚର୍ତୁପ୍ପାଶ୍ୱର୍ରେ ଭକ୍ତ ମାନେ ନିଜ ନିଜର ପରିବାର ବନ୍ଧୁବର୍ଗଙ୍କ ସହ ଭୋଜିଭାତର ଆୟୋଜନ କରିଥିଲେ । ମନ୍ଦିର ଚର୍ତୁପ୍ପାର୍ଶରେ ବିଭିନ୍ନ ରକମର ଖେଳଣା, ବାରମଜା, ଗୃହ ଉପକରଣ, ସାଜସଜ୍ଜା, ଥଣ୍ଡାପାନୀୟ ଦୋକାନ ଭଳି ବିଭିନ୍ନ ରକମର ଅସ୍ଥାୟୀ ଦୋକାନ ବଜାର ମାନ ଗଢି ଉଠିଥିଲା । ମନ୍ଦିର ନିକଟରେ ଛାଗବଳି ନିଷେଧ ହୋଇଥିଲେ ମଧ୍ୟ ବହୁ ଭକ୍ତ ନିଜ ନିଜର ବନ୍ଧୁ ବାନ୍ଧବ ଓ ପରିବାର ବର୍ଗଙ୍କ ସହ ମିଶି ମନ୍ଦିର ନିକଟରେ ଛାଗବଳି ଦେଉଥିବାର ଦୃଶ୍ୟ ବହୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଭାବ ସୃଷ୍ଟି କରିଥିଲା । ପାଗ ଅନୁକୂଳ ରହିଥିବାରୁ ଭକ୍ତ ମାନେ ମନ୍ଦିର ଚାରିପାଖରେ ଭିଡ ଜମାଇଥିଲେ । ଶ୍ୟାମଳାଇ ଛକ ତଥା ୫୯ ନଂ ଜାତୀୟ ରାଜପଥର ଉଭୟ ପ୍ୱାଶ୍ୱର୍ରେ ଦୁରଦୁରାନ୍ତରରୁ ଆସିଥିବା ଗାଡି ମୋଟର ଗୁଡ଼ିକ ଲମ୍ବା ଲାଇନରେ ରହିଥିବାର ଦେଖିବାକୁ ମିଳିଥିଲା । ଭକ୍ତ ମାନଙ୍କ ଭିଡକୁ ଆଖି ଆଗରେ ରଖି ମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ହିଞ୍ଜିଳି ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠିଙ୍କ ନିର୍ଦ୍ଦେଶରେ ଶ୍ୟାମଳାଇ ଓ କରେଇଶୁଣୀ ମନ୍ଦିର ପରିସରରେ ପୁଲିସ ବାହୀନି ମୃତୟନ କରାଯାଇଥିଲା । ଅନୁରୂପ ଭାବେ ହିଞ୍ଜିଳି ଥାନା ଖରିଡା ଗ୍ରାମ ମା କରେଇଶୁଣୀଙ୍କ ପୀଠରେ ସହସ୍ରାଧିକ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଭକ୍ତ ମାନେ ନିଜ ନିଜ ମାନସିକଧାରୀ ଶିଶୁଙ୍କ ମୁଣ୍ଡନ କରାଇବା ସହ ମା'ଙ୍କ ପୂଜାର୍ଚ୍ଚନା କରି ପରିବାର ଓ ବନ୍ଧୁବର୍ଗଙ୍କ ସହିତ ଭୋଜିଭାତର ଆୟୋଜନ କରିଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଭକ୍ତ ମାନେ ନିଜ ନିଜର କାର୍ଯ୍ୟ ସମାପନ କରି ଆନନ୍ଦ ଚିତ୍ତରେ ଘରକୁ ପ୍ରର୍ତ୍ତ୍ୟାଗମନ କରିଥିଲେ । ସନ୍ଧ୍ୟାରେ ମନ୍ଦିର ପରିସର ଖାଁ ଖାଁ ଲାଗୁଥିଲା । ଏଥି ସହିତ ମା' ଶ୍ୟାମଳାଇ ଓ କରେଇଶୁଣୀଙ୍କ ଚୈତ୍ରପର୍ବ ଶେଷ ହୋଇଛି ।



# ରମାପାହାଡ଼ି ଗ୍ରାମବାସୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ମୟୂରଭଞ୍ଜ ୯/୪(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ରମାପାହାଡ଼ି ଗାଁ ର ସଚେତନ ନାଗରିକ ପକ୍ଷରୁ ରାସ୍ତାର ଦୁଇପାର୍ଶ୍ୱ,ପୋଖରୀ ଓ କୂପ,ନଳକୂପ ଆଦି ସ୍ଥାନ ଗୁଡ଼ିକର ଚାରି ପାଖକୁ ସକାଳରୁ ପୂର୍ବାହ୍ନ ୧୧ଟା ଯାଏଁ ସଫେଇ କରାଯାଇଛି ।ଗାଁ ର ସଚେତନ ନାଗରିକ ସଚ୍ଚିନ୍ଦ୍ର ମହାନ୍ତ ଓ ଅନିଲ କଳାଙ୍କ ନେତୃତ୍ୱରେ ସଂଗ୍ରାମ କିସ୍କୁ,ମିର୍ଜା ମୁର୍ମୁ,ସୁନିଲ ମୁଣ୍ଡା,ପ୍ରଧାନ କୋହ୍ଲ,ସାଲାଇ ମାର୍ଣ୍ଡି,ଛତିସ ମୁଣ୍ଡା ପ୍ରମୁଖ କୂପରୁ ବାଲଟି ଜରିଆରେ ଓ ପାଣିପମ୍ପ ସାହାଯ୍ୟରେ ଜଳ ନିଷ୍କାସିତ କରି କୂପ ଭିତରକୁ ସ୍ୱଚ୍ଛ କରିଥିଲେ । ସ୍ଥାନୀୟ ଜାମଦା ସରପଞ୍ଚ ମାଳତୀ କିସ୍କୁ ଓ ଗାଁ ର କେତେକ ମହିଳା ମଧ୍ୟ ସଫେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।ଅଳିଆ ଆବର୍ଜନା ପଡି ରହିଲେ ,ତାହା ପଚି ଦୁର୍ଗନ୍ଧ ହେବା ସହ ମଶାମାଛିଙ୍କ ବଂଶ ବୃଦ୍ଧି ହେବ। ଯାହା ଫଳରେ ନାନା ରୋଗରେ ଆକ୍ରାନ୍ତ ହେବା ବୋଲି ସଚେତନ ନାଗରିକ ସଚ୍ଚିନ୍ଦ୍ର ମହାନ୍ତ,ଅନିଲ କଳା ଓ ସୁନିଲ ମୁଣ୍ଡା ଗାଁ ଲୋକଙ୍କୁ ସଚେତନ କରିଥିଲେ ।

# ଅସହାୟ ପୁଷ୍ପାଞ୍ଜଳି ପାଖରେ ପହଞ୍ଚିଲା ସ୍ୱେଚ୍ଛାସେବୀ ସଂଗଠନ ଐରା

ଓଡ଼ାପଡ଼ା /ହିନ୍ଦୋଳ ୯/୪(ନି.ପ୍ର): ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅଧୀନ ହାଣ୍ଡିଫୁଟା ଗ୍ରାମ ହରିଜନ ବସ୍ତିର ଅସହାୟ ବିଧବା ପୁଷ୍ପାଞ୍ଜଳି ନାଏକ ଙ୍କର ଦାରୁଣ ବେଦନା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କରମୁଳ ସ୍ଥିତ ଐରା ସ୍ୱେଚ୍ଛାସେବୀ ସଂଗଠନ ର ସଦସ୍ୟ ମାନେ ପୁଷ୍ପାଞ୍ଜଳି ନାଏକ ଙ୍କର ଘରକୁ ଯାଇ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।ପୁଷ୍ପାଞ୍ଜଳି ନାଏକ ରୋଗାକ୍ରାନ୍ତ ସ୍ୱାମୀ କାହ୍ନୁ,ବିଧବା ଶାଶୁ ଓ ଦୁଇ ନାବାଳକ କୁ ନେଇ ଭଙ୍ଗା ଦଦରା,ରଡା ଛପର ଘରେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଖବର ପାଇ ଓଡ଼ାପଡ଼ା ସାମ୍ବାଦିକ ସଂଘ ର ସଦସ୍ୟ ମାନେ ତାଙ୍କ ଘରେ ପହଞ୍ଚି ଖବର ପ୍ରଶାରଣ କରିଥିଲେ। ଏହାର କିଛି ଦିନ ପରେ କାହ୍ନୁ ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସା ନିମନ୍ତେ ଭର୍ତ୍ତିକରି ଥିଲେ। ସେଠାରୁ ଡାକ୍ତର ଢ଼େଙ୍କାନାଳ ଜିଲ୍ଲା ଡାକ୍ତରଖାନା କୁ ନିଆଯାଇଥିଲା ମଧ୍ୟ କାହ୍ନୁ ଙ୍କୁ କଟକ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ କାହ୍ନୁ ର ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇପଡ଼ିଥିଲା ଫଳରେ ପରିବାର ଲୋକ ଘରକୁ ଫେରାଇ ଆଣିଥିଲେ ।ତାର ପରଦିନ କାହ୍ନୁ ନାଏକ ଙ୍କର ପରଲୋକ ଘଟିଥିଲା। ପରିବାର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ କାହ୍ନୁ ନାଏକ ଙ୍କର ଉପଯୁକ୍ତ ଚିକିତ୍ସା କରିବା ପୁଷ୍ପାଞ୍ଜଳି ଙ୍କ ପକ୍ଷେ ସମ୍ଭବପର ନଥିବା ପୁଷ୍ପାଞ୍ଜଳି ନାଏକ କହିଛନ୍ତି। କାହ୍ନୁ ନାଏକ ପରଲୋକ ପରେ ମଧ୍ୟ ତାଙ୍କୁ ସରକାରୀ ସହାୟତା ମିଳିପାରିନଥିଲା। ଏପରିକି ହରିଶ୍ଚନ୍ଦ୍ର ଯୋଜନା ରେ ମିଳିବାକୁ ଥିବା ସହାୟତା ପାଇପାରି ନଥିଲା ।ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏବଂ ମୃତ ବରଣ ର ୫ ଦିନ ପରେ ହରିଶ୍ଚନ୍ଦ୍ର ଯୋଜନା ରେ,ବଦାଲୁ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ କ୍ରୀଷ୍ଣା ମହାନ୍ତି ତାଙ୍କ ଘରେ ପହଞ୍ଚି ୩୦୦୦ ଟଙ୍କା ସହାୟତା ଯୋଗାଇ ଦେଇଥିବା ଜଣାପଡିଛି। ସରକାର ଙ୍କର ସୁ ମାନଦଣ୍ଡ ପୂରଣ କରୁଥିବା ବେଳେ ତାଙ୍କ ନାମ ଅନ୍ତ୍ୟୋଦୟ ଗୃହ ଯୋଜନା ରେ ସାମିଲ କରାଯାଇନଥିବା ଜଣାପଡିଥିଲା ।ଖବର ପ୍ରଶାରଣ ପରେ ଆଜି କରମୁଳ ସ୍ଥିତ ଐରା ସ୍ୱେଚ୍ଛାସେବୀ ସଂଗଠନ ର ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଭାନୁମତୀ ପାଣି , ସରୋଜ କୁମାର ଲେଙ୍କା ପ୍ରମୁଖ ପୁଷ୍ପାଞ୍ଜଳି ନାଏକ ଙ୍କର ଘରକୁ ଯାଇ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ କହିଥିଲେ କି ପୁଷ୍ପାଞ୍ଜଳି ଙ୍କ ପିଲାମାନଙ୍କୁ ପାଠ ପଢାଇବା ସହିତ,ବୃଦ୍ଧ ଚାହି ନାଏକ ଙ୍କୁ ବୃଦ୍ଧାଶ୍ରମ ରେ ରଖିବା ପାଇଁ ପ୍ରତିଶୃତି ଦେଇଥିଲେ। କିନ୍ତୁ ଶୁଦ୍ଧିକ୍ରିୟା ପରେ ନିଷ୍ପତ୍ତି ନେବାକୁ ପୁଷ୍ପାଞ୍ଜଳି କହିଥିବା ଜଣାପଡିଛି। ଏହି ଡେବେ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ପୁଷ୍ପାଞ୍ଜଳି ନାଏକ ଙ୍କର ଘରକୁ ଯାଇ ନଥିବା ଜଣାପଡ଼ିଛି ।ଏ ସମ୍ପର୍କରେ ଓଡ଼ାପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି କି ସରକାରୀ ନିୟମ ଅନୁଯାୟୀ ତାଙ୍କ ପରିବାରର କୁ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଗରିବ ଅସହାୟ ପରିବାର କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ପୁଷ୍ପାଞ୍ଜଳି ନାଏକ ଙ୍କର ପରିବାର ବଞ୍ଚିତ ଥିବା ଓଡ଼ାପଡ଼ା ବ୍ଲକ ପ୍ରଶାସନ ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ାପଡ଼ା ବ୍ଲକ ପ୍ରଶାସନ ଏହି ପରିବାର ଉପରେ କେବେ ଶୁଭ ଦୃଷ୍ଟି ପଡିବ ତାହା ଜଣାପଡ଼ିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।



# ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ପ୍ରସ୍ତୁତି

ପାଟଣା ୯/୪(ନି.ପ୍ର): ଆସନ୍ତା ୧୧ ତାରିଖରେ ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ଉତ୍ସବ ପାଳନ ପାଇଁ ଉପଯୁକ୍ତ ସ୍ଥାନ ଚୟନ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟଙ୍କ ଦ୍ୱାରା ସର୍ବେକ୍ଷଣ କରାଯାଇଛି। ଏହି ପରିଦର୍ଶନ ସମୟରେ କେନ୍ଦେଇପଶି, କ୍ଷୀରେଇଟାଙ୍ଗିରି, ତୁରୁମୁଁଙ୍ଗା, ରାଜନଗର ଓ ତୁମୁରିଆ ଗ୍ରାମ ପଞ୍ଚାୟତ ପରିଦର୍ଶନ କରାଯାଇଥିଲା। ସ୍ଥଳ ପରିଦର୍ଶନ ସମୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସହକାରୀ ଯନ୍ତ୍ରୀ ସିଦ୍ଧ ମାଝୀ, ଏପିଓ ଦୀପକ ବେହେରା, ତହସିଲ ଦାର ଲୀଳାବତୀ ନାଏକ, ବିଜେପି ବରିଷ୍ଠ ନେତା ରାଧାକାନ୍ତ ମହାନ୍ତ , ସ୍ୱାସ୍ଥ୍ୟ କର୍ମଚାରୀ ଓ ଗ୍ରାମ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଧିକାରୀ ଙ୍କ ଦ୍ୱାରା କ୍ଷେତ୍ରର ପରିବେଶ, ଯୋଗାଯୋଗ ସୁବିଧା, ଜନସଂଖ୍ୟା ଓ ଲାଭାନ୍ୱିତ ହେବାକୁ ଯୋଗ୍ୟ ଲୋକଙ୍କ ସଂଖ୍ୟା ଅନୁସାରେ ଶୁଭାରମ୍ଭ ସ୍ଥଳ ନିର୍ଣ୍ଣୟ ପାଇଁ ଖିରେଇଟାଙ୍ଗିରି କୁ ମନୋନୀତ କରାଯାଇଛି। ୧୧ ତାରିଖ ଦିନ ଆୟୁସମାନ ଭାରତ ଆରଗ୍ୟ କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଧାୟକ ଘୋଷଣା କରିଛନ୍ତି।

# ରିଷିଡା ରାମଲୀଳା - ତାଡକି ସୁବାହୁ ବଧ - ଅହଲ୍ୟା ଉଦ୍ଧାର

କର୍ଲାମୁଣ୍ଡା ୯/୪(ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଜଗନ୍ନାଥ ମନ୍ଦିର କୁମ୍ଭାରପଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦର ପକ୍ଷରୁ ଚାଲୁଥିବା ରାମଲୀଳା ଯାତ୍ରା ଅଭିନୟର ଦ୍ୱିତୀୟ ରଜନୀ ରେ ଅଯୋଧ୍ୟା ରେ ବିଶ୍ୱାମିତ୍ର ଗମନ ଦଶରଥ ସହିତ କଥୋପକଥନ, ତାଡ଼କି ବନରେ ତାଡକି ସୁବାହୁ ବଧ ଓ ରାମଙ୍କ ଚରଣ ପର୍ଶ୍ୱ ରେ ଅହଲ୍ୟା ଉଦ୍ଧାର ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ରାମ ଭୂମିକାରେ ଚରଣ ରଣା, ଲକ୍ଷ୍ମଣ ସାନ ରଣା, ଦଶରଥ ନବିନ ରଣା, ବିଶ୍ୱାମିତ୍ର ଲକ୍ଷ୍ମଣ ରଣା, ତାଡ଼କି ବିରଞ୍ଚି ରଣା,ସୁବାହୁ ବାଳଗୋପାଳ ରଣା,ମାରିଚ ତପନ ରଣା,କୈଶଲ୍ୟା ହେମ ରଣା, ଅହଲ୍ୟା ରମେଶ ବାରିକ ଭରତ ଶତ୍ରୁଘ୍ନ ଜୟଗୁରୁ, ମୁନ୍ନା ରଣା କୈକେୟୀ ବଡ଼ ରଣା ଓ ନାବିକ -ତହସିଲ ରଣା ଓ ସୁରେନ୍ଦ୍ର ରଣା ପ୍ରମୁଖ ଅଭିନୟ କରିଥିବା ବେଳେ ପୁରାଣପଣ୍ଡା ଦାୟିତ୍ୱ ମୋହନ ଲାଲ ରଣା ନିର୍ବାହ କରିଥିଲେ। ସଭାପତି ସୁରେନ୍ଦ୍ର ରଣା ସଂପାଦକ ମନୋଜ ରଣା, ସହ ସଂପାଦକ ପ୍ରଦିପ ରଣା, ଉପସଭାପତି ନନ୍ଦୁଲାଲ ରଣା, ସୁଶାନ୍ତ ମଲ୍ଲିକ ଙ୍କ ତତ୍ତ୍ୱାବଧାନରେ ବାଦ୍ୟଯନ୍ତ୍ର ସହଯୋଗ ଲକ୍ଷ୍ମୀକାନ୍ତ ସେଠ, ତୋଫାନ ମଲ୍ଲିକ, ହିମାଂଶୁ ରଣା ସୀତାରାମ ରଣା, ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲି ତୃତୀୟ ରଜନୀରେ ଶିବ ଧନୁ ଭଗ୍ନ ଓ ସୀତା ବିବାହ ପର୍ଶୁରାମ ଭେଟ ।

# ରଂଜାଗୋଳରେ ସାପ୍ତାହିକ ଶ୍ରୀମଦ୍ ଭାଗବତ ପ୍ରବଚନ ଓ ନାମଯଜ୍ଞ ଅନୁଷ୍ଠିତ

ଓଡ଼ାପଡ଼ା/ହିନ୍ଦୋଳ ୯/୪(ନି.ପ୍ର): ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ରଂଜାଗୋଳ ସ୍ଥିତ ପ୍ରସିଦ୍ଧ ଧୁନୀଘର ମଠ ପ୍ରାଙ୍ଗଣରେ ସପ୍ତାହବ୍ୟାପି ହୋଇଆସୁଥିବା ଶ୍ରୀମଦ ଭାଗବତ ପ୍ରବଚନ ଓ ନାମଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ସହ ସମାରୋପ ହୋଇଯାଇଛି । ମଠାଧିଶ ମାଧବାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୧ ରିଖ ସୋମବାର ଅଧିବାସ ଓ ଯଜ୍ଞାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ପ୍ରବାଚକ କାଳନ୍ଦି ଚରଣ ଦାସ ମଗାରାଜ , ପଣ୍ଡିତ ନାରାୟଣ ପଣ୍ଡା ଓ ଭାଗବତ ବାଣୀ ଭୂଷଣ ପଣ୍ଡିତ ସୁବୋଧ କୁମାର ପଣ୍ଡା ସପ୍ତାହ ବ୍ୟାପି ଶ୍ରୀମଦ ଭଗବତ ପ୍ରବଚନ ପ୍ରଦାନ କରିଥିଲେ । ମଙ୍ଗଳବାର ଉଭୟ ପ୍ରବଚନ ଓ ନାନଯଜ୍ଞ କାର୍ଯ୍ୟକ୍ରମର ପୁର୍ଣ୍ଣାହୁତି ହେବା ପରେ ଶତାଧିକ ଶ୍ରଦ୍ଧାଳୁମାନଙ୍କ ଏକ ବିଶାଳ ଶୋଭାଯାତ୍ରା ରେ ଦ୍ୱାରା ନଗର କୀର୍ତ୍ତନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି , ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ , ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର , ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି ,ରଂଜାଗୋଳ ସଂରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ , କାରନ୍ଦା ସରପଞ୍ଚ ଦୁଷ୍ମନ୍ତ ନାଏକ , ଢେଙ୍କାନାଳ ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ ,ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ , ଅଶୋକ ରାଉତ ,ପ୍ରେମାନନ୍ଦ ପଟନାୟକ, ପ୍ରଦୀପ ସାହୁ ,ସତ୍ୟରଂଜନ ମିଶ୍ର , ସନ୍ତୋଷ ନାୟକ , ଲିଙ୍ଗରାଜ ସାହୁ , ସୋଭାଗ୍ୟ ସାହୁ , ମୃତ୍ୟୁଞ୍ଜୟ ପାଳ , ସୁଦର୍ଶନ ସାହୁ ,ବନମାଳି ସାହୁ, ଆନନ୍ଦ ବେହେରା, ଝୁମର ବେହେରା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିଭୂକୃପା ଲାଭ କରିଥିଲେ । ଏହି ଅବସର ରେ ରଂଜାଗୋଳ ସମେତ ଆଖ ପାଖ ଅଂଚଳରୁ ଆସିଥିବା ଜନସାଧାରଣଙ୍କର ବିଭିନ୍ନ ପ୍ରକାର ଆପତି ଅଭିଯୋଗ ଉଭୟ ସାଂସଦ ଓ ବିଧାୟିକା ଶୁଣି ସେଗୁଡିକର ଖୁବଶିଘ୍ର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ । ଶେଷରେ ପ୍ରବଚନ କମିଟିର ସଭାପତି,ବାସୁଦେବ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଶ୍ରୀ ହନୁମାନଙ୍କ ମହାସ୍ନାନ



ପାଟଣା ୯/୪(ନି.ପ୍ର): ଢେଙ୍କିକୋଟର ଶ୍ରୀ ରାମନବମୀ କମିଟି ପକ୍ଷରୁ ରାମନବମୀ ମହୋତ୍ସବ ଅବସରରେ ମଙ୍ଗଳବାର ଏଠାରେ ଅବସ୍ଥିତ ମଣ୍ଡପରେ ପ୍ରଭୁ ଶ୍ରୀ ହନୁମାନଙ୍କ ମହା ସ୍ନାନ କରଯାଇଛି । ଶହ ଶହ ସଂଖ୍ୟାରେ ମହିଳା ଓ ଶ୍ରଦ୍ଧାଳୁ ଙ୍କ ଗହଣ ରେ ମନ୍ତ୍ର ଧ୍ୱନି ରେ ମଣ୍ଡପ ଅଞ୍ଚଳ ମହକି ଉଠିଥିଲା । ସ୍ୱତନ୍ତ୍ର ନୀତିକାନ୍ତ ମଧ୍ୟରେ ଏହି ମହାସ୍ନାନ ପର୍ବକୁ କମିଟି ପକ୍ଷରୁ ରାଜକିଶୋର ସାହୁ, ମକରଧ୍ୱଜ ସାହୁ, ଅଶେଷ କୁମାର ସାହୁ, ବେଣୁଧର ସାହୁ, ନିରଞ୍ଜନ ଦଳେଇ, ସଞ୍ଜୟ କୁମାର ନାୟକ, କୃପାସିନ୍ଧୁ ଦଳେଇ, ଜଗନ୍ନାଥ ଦାସ, ସୁଦର୍ଶନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


# ଓଡ଼ିଆ ପକ୍ଷ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବାଲିଗୁଡା ୯/୪(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉପଖଣ୍ଡ ରକ୍ତ ଭଣ୍ଡାରର ପରୀକ୍ଷାଗାର ସହାୟକ ବଳରାମ ଗୌଡ଼, ସୁବାସ ମୁଖି , ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ଜିଲ୍ଲା ସଂଯୋଜକ ଡ଼.ବିଭୂତିଭୂଷଣ ଆଚାର୍ଯ୍ୟ, କାଉନସେଲର ଦଣ୍ଡପାଣି ଭୂୟାଁ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ହମନ୍ ଦିବାକା, ଅରୁନ୍ଧତୀ ପ୍ରଧାନଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ସତ୍ୟନାରାୟଣ ବିଦ୍ୟାପୀଠର ୫୪ ତମ ବାର୍ଷିକ ଉତ୍ସବ

ପାଟଣା ୯/୪(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ସ୍ଥିତ ପୁରାତନ ଶିକ୍ଷାୟତନ ସତ୍ୟନାରାୟଣ ବିଦ୍ୟାପୀଠର ୫୪ ତମ ବାର୍ଷିକ ସମାରୋହ ଆଜି ପ୍ରଧାନଶିକ୍ଷକ ଫକିର ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୋ ସ୍କୁଲ ଅଭିଯାନର ସଭାପତି ସଞ୍ଜୟ କୁମାର ସାହୁ ଓ ବରିଷ୍ଠ ଶିକ୍ଷୟତ୍ରୀ ଦିପ୍ତିଶୋଭା ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଜୟଦେବ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କୁଳମଣି ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଭାଗିରଥି ପୃଷ୍ଟି, ଏ ବି ଇ ଓ ବେଣୁଧର ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ଅଖିଳ ପାତ୍ର, ପୁରାତନ ଛାତ୍ର ରାମଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସାହୁ, ସରପଞ୍ଚ ଖଇର ନାଏକ, ଭୋଲବେଡା ପ୍ରଧାନଶିକ୍ଷକ ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ଙ୍କୁ ଉଦବୋଧନ ଦେବା ସହ ବାର୍ଷିକ କ୍ରୀଡା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତାର କୃତିତ୍ୱ ଧାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ହୃଦାନନ୍ଦ ବାରିକ, ଦୀନବନ୍ଧୁ ପଣ୍ଡା, ମଦନ ମୋହନ ମହାନ୍ତ, ପ୍ରଶାନ୍ତ ମହାନ୍ତି, କବିତା ଦାସ, ଦିପାଞ୍ଜଳୀ ସେଠୀ, ଜୟନ୍ତି ଜେନା, ରଞ୍ଜିତା ମୁର୍ମୁ ଓ ମଧୁସ୍ମିତା ମହାପାତ୍ର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପିପୁଲସ କଲେଜରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର




ବୁଗୁଡା ୯/୪(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ପିପୁଲସ କଲେଜରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏପ୍ରିଲ ୮ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। କଲେଜର ସମ୍ମିଳନୀ କକ୍ଷରେ ଯୁବ ରେଡକ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି), ଜାତୀୟ ସେବା ଯୋଜନା(ଏନଏସଏସ) ୟୁନିଟ ୧ ଓ ୨, ଏବଂ ଭାରତ ସ୍କାଉଟ ଏଣ୍ଡ ଗାଇଡ଼ସ ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବୁଗୁଡା ବିଡ଼ିଓ ଦୁତିକୃଷ୍ଣ ପାତ୍ର ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କଲେଜର ପ୍ରିନ୍ସପାଲ ହରିକୃଷ୍ଣ ନାୟକ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡକ୍ଟର ପ୍ରଦୀପ କୁମାର ଦାସ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭଞ୍ଜନଗର ରକ୍ତ ଭଣ୍ଡାରର ଟିମ ଏହି ରକ୍ତଦାନ ଶିବିରରେ ଯୋଗଦେଇ ୬୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଓ ଅଧ୍ୟାପିକା କ୍ରୀଷ୍ଣା କୁମାରୀ ବର୍ଗେ, ଏନସିସି ଅଫିସର ଲେଫନାଣ୍ଟ ଅଧ୍ୟାପକ ଅଜୟ କୁମାର ସାହୁ, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରବୀନ୍ଦ୍ର ନାଥ ପୋଲାଇ ଓ ଅଧ୍ୟାପିକା ସସ୍ମିତା ସାମନ୍ତରା, ଭାରତ ସ୍କାଉଟ ଏଣ୍ଡ ଗାଇଡ଼ସର ରୋଭର ଲିଡର ଅଧ୍ୟାପକ ଆତ୍ମା ପ୍ରକାଶ ନାୟକ ଓ ଅଧ୍ୟାପିକା ଅନିତା ଦେବୀ ଏବଂ ବୁଗୁଡା ମେଡ଼ିକାଲର ଆୟୁଷ ଡାକ୍ତର ହିମାଂଶୁ ଶେଖର ପଣ୍ଡା ପ୍ରମୁଖଙ୍କ ମିଳିତ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ରକ୍ତଦାତା ଭାବେ ଅଧ୍ୟାପକ କିଶୋର ଚନ୍ଦ୍ର ଶବର, ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଓ ସାମ୍ବାଦିକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ରକ୍ତଦାନ କରି ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।

# ଦୁଇ ଜଣ ଗଂଜେଇ ଚାଲାଣ କାରୀ ଙ୍କୁ ଗିରଫ କଲା ପୋଲିସ



ଆଠମଲ୍ଲିକ ୯/୪(ନି.ପ୍ର): ଆଠମଲ୍ଲିକ ବ୍ଲକ ନୂଆଗଡ ଛକ ଠାରୁ ୧୫କିଲୋ ଗଂଜେଇ ସହିତ ଦୁଇଜଣ ଗଞ୍ଜେଇ ଚାଲାଣ କାରୀ ଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି। ଗିରଫ ଦୁଇ ଯୁବକ ହେଲେ କିଆକଟା ଥାନା କୁମ୍ଭିଆ ଗ୍ରାମ ର ରାମଜୀ ବାଦୀ ଏବଂ କ୍ଷୀରୋଦ ବେହେରା ସେମନେ ଏକ ବ୍ୟାଗ ରେ ଗଂଜେଇ ଭର୍ତ୍ତି କରି ରାସ୍ତା ଉପରେ ବସ୍ କୁ ଅପେକ୍ଷା କରିଥିବାବେଳେ ଆଠମଲ୍ଲିକ ପୋଲିସ ବିଶ୍ୱସ୍ତ ସୂତ୍ର ରୁ ଖବର ପାଇ ନୂଆଗଡ଼ ଛକ ନିକଟରେ ପହଞ୍ଚି ଥିଲେ। ପୋଲିସ କୁ ଦେଖି ଯୁବକ ଦୁଇଜଣ ଖସିପଳାଇ ବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରି ନେଇ ଥିଲେ ଏବଂ ତାଙ୍କପାଖରୁ ୧୫କିଲୋ ଏକଶହ ଗ୍ରାମ ଗଂଜେଇଁ ଜବତ କରିଥିଲେ। ପୋଲିସ ଏ ସଂକ୍ରାତ ରେ ଏକ ମାମଲା ରଜୁ କରି ଉଭୟ ଙ୍କୁ କୋଟ ଚାଲାଣ କରିଥିବା ଜଣାପଡିଛି।

# ଚହଗାଁ ପଞ୍ଚାୟତ ଘଣ୍ଟବାହାଲି ଗାଁକୁ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଦାବି



କଳାହାଣ୍ଡି, ୯/୪(ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଗତ ଦୁଇ ଦଶହନ୍ଧି ଅନେକ ଗ୍ରାମକୁ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରି ପିଚୁ ସଡ଼କ ଓ କଂକ୍ରିଟ ରାସ୍ତା ମାନ ନିର୍ମାଣ ହେଉଛି। ଏହା ଦ୍ୱାରା କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳ ଗୁଡିକ ବାଦ ପଡି ନଥିବାବେଳେ ଜିଲ୍ଲା ସଦର ମହକୁମା ଭବାନୀପାଟଣା ବ୍ଲକ ଚହଗାଁ ପଞ୍ଚାୟତର ଘଣ୍ଟବାହାଲି ଗାଁ ଏହି ସଡ଼କ ଯୋଜନାରୁ ବାଦ ପଡିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରୁଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସଦର ବ୍ଲକର ଚହଗାଁ ପଞ୍ଚାୟତ ୩୬ଟି ପଞ୍ଚାୟତ ମଧ୍ୟରୁ ଗୋଟିଏ। ପଞ୍ଚାୟତ ବିଭାଜିକରଣ ପୂର୍ବରୁ ଏହା କର୍ଲାପଡା ପଞ୍ଚାୟତର ଅନ୍ତର୍ଭୁକ୍ତ ଥିଲା। ଏହି ଅଞ୍ଚଳର ପ୍ରତ୍ୟେକ ଗ୍ରାମକୁ ସଡ଼କ ଯୋଜନାରେ ପକ୍କା ପିଚୁ ଓ କଂକ୍ରିଟ ରାସ୍ତା ସଂଯୋଗୀକରଣ ପ୍ରାୟତଃ ହୋଇ ସାରିଛି। ଅତି ଦୂରଭାଗ୍ୟର ବିଷୟ ଯେ ଏହି ଗ୍ରାମ ପଞ୍ଚାୟତର ଘଣ୍ଟ ବାହାଲି ଗ୍ରାମ ବର୍ତ୍ତମାନ ମଧ୍ୟ ଏହି ଯୋଜନାରୁ ବାଦ ପଡି ରହିଛି। ଭବାନୀପାଟଣା ରୁ ବୋରଡାକୁ ସଂଯୋଗ କରୁଥିବା ରାଜପଥ ପାର୍ଶ୍ୱରେ ଏହି ଗାଁ ଅବସ୍ଥିତ। ଏହି ଗାଁରେ ୩୦୦ ରୁ ଅଧିକ ପରିବାର ୨ଟି ୱାର୍ଡରେ ବିଭକ୍ତ ହୋଇ ବସବାସ କରନ୍ତି। ରାଜ୍ୟ ରାଜପଥ ଠାରୁ ଏହି ଗାଁକୁ ୩କିମି ବ୍ୟବଧାନରେ କଚା ଖାଲ ଢିପ ରାସ୍ତା ରହିଛି। ଏହି ରାସ୍ତା ବର୍ଷା ଦିନରେ କାଦୁଅ ପଚପଚ ହୋଇପଡିଥାଏ। ଏଥି ଯୋଗୁଁ ବୟୋବୃଦ୍ଧ ଓ କମ ବୟସର ପିଲାଙ୍କ ପାଇଁ ରାସ୍ତା କାଳ ସଦୃଶ୍ୟ ହୋଇଥାଏ। ଗାଁ ଦୁଇ ପାର୍ଶ୍ୱରେ ଡ୍ରେନ ସୁବିଧା ନ ଥିବା ଯୋଗୁଁ ଘରମାଙ୍କର ନିଷ୍କାସିତ ଜଳ ଓ ବର୍ଷା ଦିନର ବର୍ଷା ଜଳ ଯୋଗୁଁ ଗାଁ ପରିମଳ ବ୍ୟବସ୍ଥା ଅତି ଦୁର୍ବିସହ ହୋଇପଡେ। ଏନେଇ ଗ୍ରାମବାସୀ ସ୍ଥାନୀୟ ନେତା ପ୍ରଶାସନ ଓ ସ୍ଥାନୀୟ ବିଧାକଙ୍କ ଠାରେ ଯେତେ ନେହୁରା ହୋଇ ଗାଁ ରାସ୍ତା ଘାଟ କଥା ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବା କଥା ଅଭିଯୋଗ କରିଛନ୍ତି ।ଘଣ୍ଟ ବାହାଲି ମୁଖ୍ୟ ରାସ୍ତା ଛକ ଠାରୁ ଘଣ୍ଟବାହାଲିଗ୍ରାମର ୩କିମି ରାସ୍ତାକୁ ସଡ଼କ ଯୋଜନାରେ ସାମିଲ କରି ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ ସହ ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ଦାବି କରିଛନ୍ତି ।ଏନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏନେଇ କେଉଁ ଭଳି ଆଭିମୁଖ୍ୟ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

# ଯୁବ ରେଡ କ୍ରସ ତରଫରୁ ଜଳଛତ୍ର ଅନୁଷ୍ଠିତ

ନିଆଳି ୯/୪(ନି.ପ୍ର): କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଅଡ଼ଶପୁର ସ୍ଥିତ ଓଡିଶା ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ର ଯୁବ ରେଡ କ୍ରସ ତଥା ରେଡ ରିବନ କ୍ଲବ ଆନୁକୂଲ୍ୟରେ ଏକ ଜଳ ଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି, ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ମହାନ୍ତି ଏହି ଜଳଛତ୍ର ଙ୍କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଯୁବ ରେଡ କ୍ରସ ର ସ୍ୱେଚ୍ଛାସେବୀ ମାନେ ପ୍ରଥପ୍ରାନ୍ତ ପଥିକ ମାନଙ୍କୁ ଦହି ପଣା ବଣ୍ଟନ କରିଥିଲେ ଏହି କାର୍ଯ୍ୟକ୍ରମ କୁ ଅଧ୍ୟାପିକା ଅମିତାବାଳା ପାତ୍ର ପରିଚାଳନା କରିଥିଲେ, ଅଧ୍ୟାପକ କୃପାସିନ୍ଧୁ ପ୍ରଧାନ, ଅଧ୍ୟାପକ ବିଜୟ କୁମାର ନାୟକ, ଅଧ୍ୟାପକ ମାଧବ ଚନ୍ଦ୍ର ସାହୁ, ଅଧ୍ୟାପକ ମହେନ୍ଦ୍ର ମହାପାତ୍ର, ଅଧ୍ୟାପକ ଅର୍ଜୁନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ, ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟ ର ଗେଟ ପାଖରେ ପଥିକ ମାନଙ୍କୁ ଜଳ ପ୍ରଦାନ କରିଥିଲେ।



# ସାହିତ୍ୟସିନ୍ଦୁରା ର 'ବର୍ଣ୍ଣବୋଧ' ଦିବସ ପାଳନ

ବାଣପୁର ୯/୪(ନି.ପ୍ର): ଓଡ଼ିଶା ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜିଥିଲା 'ବର୍ଣ୍ଣବୋଧ'ଦିବସ। ଏହି ପ୍ରାୟୋଜିତ କାର୍ଯ୍ୟକ୍ରମ ବାଣପୁରର ସାହିତ୍ୟସିନ୍ଦୁରା ଅନୁଷ୍ଠାନ ତରଫରୁ ବିଧାରପୁରର ପରୀଡ଼ା ପାଠଗାର ପରିସରରେ ଶିକ୍ଷାବିତ୍ ଗୋଲକ ବିହାରୀ ପରୀଡ଼ାଙ୍କ ନିମନ୍ତ୍ରଣ କ୍ରମେ ମହାସମାରୋହ ପାଳିତ ହୋଇଥିଲା। ଓଡ଼ିଆଭାଷା ର ମୌଳିକତା ରକ୍ଷା କରିବାରେ 'ମଧୁ ବର୍ଣ୍ଣବୋଧ 'ର ଭୂମିକା ସଂପର୍କୀତ ଏକ ଆଲୋଚନାଚକ୍ରରେ ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳମୁକୁନ୍ଦ ଦାସ ସଭାପତିତ୍ୱ କରିଥିବା ବେଳେ ଓଡ଼ିଆ ଭାଷାତତ୍ତ୍ୱବିତ୍ ଗୋକୁଳାନନ୍ଦ ଦାସ ମୁଖ୍ୟ ଅତିଥି, ଓଡ଼ିଆ ଭାଷା ସୁରକ୍ଷା ସମିତି ବାଲୁଗାଁର ସଭାପତି କବି ରଙ୍କନାଥ ସେଠୀ ମୁଖ୍ୟବକ୍ତା ଭାବରେ ଯୋଗଦେବା ସହିତ କବି ପୁରୁଷୋତ୍ତମ ମହାପାତ୍ର, ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ଅଧ୍ୟାପକ ଭବାନୀପ୍ରସାଦ ହୋତା, ଶିକ୍ଷାବିତ୍ ଆନନ୍ଦଚନ୍ଦ୍ର ସେନାପତି,ଲକ୍ଷ୍ମୀଚରଣ ପ୍ରଧାନ, ଶିଶିର କୁମାର ଦାସ, ଶେଷଦେବ ମହାରଣା, ରବୀନ୍ଦ୍ରନାଥ ମାନସିଂ, ନୀଳମଣି ସାହୁ, ଅମରେଶ୍ୱର ଘଡ଼ାଇ,ଏକତା ପରିଷଦର ଆବାହିକା ସଂଧ୍ୟାଦେବୀ,କବୟତ୍ରୀ ସ୍ମୃତି ପଟ୍ଟନାୟକ, ଓଡ଼ିଶୀ ନୃତ୍ୟଗୁରୁ ମାଧବଚ଼ନ୍ଦ୍ର ପଲାଇ,ବିଷ୍ଣୁପ୍ରିୟା ବାରିକ,ନବକିଶୋର ପ୍ରଧାନ , ଗୋବିନ୍ଦ ଚନ୍ଦ୍ର ପାତ୍ର ପ୍ରମୁଖ ବହୁ ସାହିତ୍ୟିକ, ବୁଦ୍ଧିଜୀବି ଆଲୋଚ଼ନାରେ ଯୋଗ ଦେଇ ମାତୃଭାଷା ଓଡ଼ିଆ ର ସୁରକ୍ଷା ଓ ପ୍ରଚାର ପ୍ରସାର ସହିତ ମୌଳିକତା ରକ୍ଷା କରିବାରେ 'ମଧୁବର୍ଣ୍ଣବୋଧ' ହିଁ ଏକ ମାତ୍ର ପାଠ୍ୟପୁସ୍ତକ ଭାବରେ ପ୍ରେରଣା ଯୋଗାଇଦେବ ବୋଲି ମତପ୍ରକାଶ କରି ବହୁ ବର୍ଷ ପରେ ଓଡ଼ିଶା ସରକାର ଏହି ପୁସ୍ତକକୁ ଗୁରୁତ୍ୱ ଦେଇ ପ୍ରାଥମିକ ବିଦ୍ୟାଳୟରେ ପୁଣି ପ୍ରଚଳନ କରିବାକୁ ପଦକ୍ଷେପ ଗ୍ରହଣ କରିଥିବାରୁ ସରକାରଙ୍କ ଏହି ନିଷ୍ପତିକୁ ସାଧୁବାଦ ଜଣାଇଥିଲେ ।

# ୧୫ ତାରିଖରେ କଂଗ୍ରେସର ବ୍ଲକ ଘେରାଉ, ୧୦ତାରିଖରେ ହେବ ପ୍ରସ୍ତୁତି ବୈଠକ

ନିଶ୍ଚିନ୍ତକୋଇଲି ୯/୪(ନି.ପ୍ର): ଓଡିଶା ପ୍ରଦେଶରେ ବିଜେପି ସରକାର ସମୟରେ ଓଡିଶାରେ ନାରୀ ନିର୍ଯ୍ୟାତନା ବଢି ଚାଲିଛି । ଏହି ଘଟଣା ସଭ୍ୟ ସମାଜକୁ ବ୍ୟଥିତ କରିଛି । ଆମ ପ୍ରଦେଶର ନାରୀ ସୁରକ୍ଷା ଓ ନାରୀକୁ ନ୍ୟାୟ ପ୍ରଦାନ ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ସମ୍ମାନନୀୟ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୫.୦୪.୨୦୨୫ ରିଖ ମଙ୍ଗଳବାର ଦିନ ଓଡିଶାର ପ୍ରତ୍ୟେକ ବ୍ଲକ ଓ ନଗର କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି ପରୀପ୍ରେକ୍ଷୀରେ ତା, ୧୦.୦୪.୨୦୨୫ ରିଖ ଗୁରୁବାର ଅପରାହ୍ନ ୪ ଘଟିକା ସମୟରେ ନତକାଇ ଗ୍ରାମ ପଂଚାୟତ ବାଣୀନଗରଠାରେ ଅବସ୍ଥିତ କ୍ଷୀରୋଦ ମଣ୍ଡପ ପରିସରରେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସମସ୍ତ ୪୧ ଗୋଟି ଗ୍ରାମ ପଂଚାୟତର କଂଗ୍ରେସ ନେତୃବୃନ୍ଦମାନଙ୍କ ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି, ମଶାଲ ଶୋଭାଯାତ୍ରା ପାଇଁ ନିଯୁକ୍ତ ନିଶ୍ଚିନ୍ତକୋଇଲି ବ୍ଲକ ପର୍ଯ୍ୟବେକ୍ଷକ ତଥା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ସମ୍ମାନନୀୟ ଦେବେନ୍ଦ୍ର କୁମାର ସାହୁ, କଟକ ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ ଉପସ୍ଥିତ ରହିବେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ୪୧ଟି ପଂଚାୟତର ସମସ୍ତ କଂଗ୍ରେସ ନେତୃ ମଣ୍ଡଳୀ ଓ ବରିଷ୍ଠ, ମହିଳା, ଛାତ୍ର, ସଂଖ୍ୟାଲଘୁ ଓ ବିଭିନ୍ନ ମୋର୍ଚ୍ଚାର କଂଗ୍ରେସ କର୍ମୀମାନେ ଯୋଗଦେବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା ନିବେଦନ କରିଛନ୍ତି।

# ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ 'ପ୍ରସ୍ତୁତି' ମଡୁଲ କାର୍ଯ୍ୟକ୍ରମ ଉଦଯାପିତ



ବାଲିଗୁଡା ୯/୪(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ 'ପ୍ରସ୍ତୁତି' ମଡୁଲ କାର୍ଯ୍ୟକ୍ରମ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇ ଉଦଯାପିତ ହୋଇ ଯାଇଛି କ୍ଷ ଏଥିରେ ବାଲିଗୁଡ଼ା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ବଳରାମ ବେହେରା ଅତିଥି ଭାବେ ଯୋଗ ଦେଇ ଦ୍ୱୀପ ଧୂପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଶେଷ ଦିନ ଉଦଯାପିତ କରିଥିଲେ । ଏହି ବ୍ଲକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର ହୋଇଥିବା ଶିଶୁ ବାଟିକାକୁ କିପରି ଜାଣିବା ଏବଂ ସେମାନଙ୍କର ଶିକ୍ଷାକୁ କିପରି ସୃଜନଶୀଳତା, ଖେଳ, ମାଟି କାମ, ଓ କାଗଜ କାମ ମାଧ୍ୟମ ରେ ପ୍ରଶିକ୍ଷଣ ଦେବା ଭଳି ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ସତ୍ୟ ନାରାୟଣ ତ୍ରିପାଠୀ, ସୁଶାନ୍ତ କୁମାର ମଲ୍ଲିକ, ଲୋକନାଥ ସାହୁ, ସରୋଜ କୁମାର ନାହାକ, ସାବତ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ସଞ୍ଜୀବ କୁମାର ବିନ୍ଧାଣି, ଜୟପ୍ରକାଶ ପ୍ରଧାନ ଏବଂ ସହଯୋଗୀ ଭାବରେ ଅମୂଲ୍ୟ କୁମାର ନାୟକ ଓ ଅମରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଶାଳଗଡ଼ ବୋଝେଇ ଟ୍ରାକ୍ଟର ଜବଦ

ପାଟଣା ୯/୪(ନି.ପ୍ର): ପାଟଣା ବନାଞ୍ଚଳ ଅନ୍ତର୍ଗତ ଦାମାହୁଦା ନିକଟ ବଡ଼ପଶି ଜଙ୍ଗଲରୁ ଗତ ସନ୍ଧ୍ୟାରେ ବନବିଭାଗ ୭ଟି ବଡ ଶାଳଗଣ୍ଡି ଓ କଟା ଗଛ ବୋଝେଇ ଏକ ଟାକ୍ଟର ଜବଦ କରିଛି ।ଜଙ୍ଗଲରେ ଗଛ କଟା ଯାଉଥିବା ଖବର ପାଇ ସାହାରପଡା ବନପାଳ ଭୂପତି ସେଠୀ ଓ ଅନ୍ୟ କର୍ମଚାରୀ ମାନେ ଘଟଣା ସ୍ଥଳରେ ଚଢ଼ାଉ କରି ଟ୍ରାକ୍ଟର ସହ କାଠକୁ ଜବଦ କରିଥିବା ବେଳେ କାଠ ମାଫିଆ ମାନେ ଫେରାର ହୋଇ ଯାଇଥିବା ଜଣାପଡିଛି।

# ଚୋରା ମାଟି ପାଇଁ ମହାଭାରତ

## ରାତି ଅଧରେ ରକ୍ତରଞ୍ଜିତ ଗଡ଼ଭିଙ୍ଗାରପୁର

ବାଲିଅନ୍ତା,୯/୪: ସୋମବାର ବିଳମ୍ବିତ ରାତିରେ ରକ୍ତରଞ୍ଜିତ ହୋଇଛି ବାଲିଅନ୍ତା ଥାନା ଅନ୍ତର୍ଗତ ଗଡ଼ଭିଙ୍ଗାରପୁର ଗାଁ। ଇଟାଭାଟିକୁ ଚୋରାରେ ମାଟି ଚାଲାଣ କରୁଥିବା ମାଫିଆମାନଙ୍କ ପ୍ରାଣାନ୍ତକ ଆକ୍ରମଣରେ ଗାଁର ୩ଯୁବକ ଗୁରୁତର ହୋଇଛନ୍ତି। ମାଫିଆମାନେ କେବଳ ଖଣ୍ଡାରେ ହାଣି ନାହାନ୍ତି, ହାଇୱା ଚଢ଼ାଇ ମାରିଦେବାକୁ ମଧ୍ୟ ଉଦ୍ୟମ କରିଛନ୍ତି। ଖଣ୍ଡା ଚୋଟରେ ସୌମେନ୍ଦ୍ର ଜେନା ଓ ନିରଞ୍ଜନ ପାତ୍ର ଗୁରୁତର ହୋଇଛନ୍ତି ଏବଂ ହାଇୱା ଧକ୍କାରେ ଶରତ ଜେନାଙ୍କ ଗୋଡ଼ ଭାଙ୍ଗିଯାଇଛି। ସେ ?ଭାଗ୍ୟକୁ ଠିକଣା ସମୟରେ ଗ୍ରାମବାସୀମାନେ ଏକାଠି ହୋଇଯିବାରୁ ଏହି ୩ଜଣଙ୍କ ଜୀବନ ରକ୍ଷା ହୋଇପାରିଛି। ଏବେ ସମସ୍ତେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ସେହିଭଳି ଗ୍ରାମବାସୀମାନେ ମାଫିଆ ଓ ଭଡ଼ାଟିଆ ଗୁଣ୍ଡାଙ୍କ ମଧ୍ୟରୁ ୩ଜଣଙ୍କୁ ମଧ୍ୟ କାବୁ କରିବାରେ ସକ୍ଷମ ହୋଇଛନ୍ତି ଏବଂ ବଡ଼ କଷ୍ଟରେ ବାଲିଅନ୍ତା ଥାନା ପୁଲିସ ସେମାନଙ୍କୁ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଛି। ଏକ ନିର୍ଦ୍ଦିଷ୍ଟ ଇଟାଭାଟି ମାଲିକର ପ୍ରତ୍ୟକ୍ଷ ଇଂଗିତରେ ମାଫିଆ ଓ ଭଡ଼ାଟିଆ ଗୁଣ୍ଡାମାନେ ଏଭଳି ଆତଙ୍କରାଜ କରୁଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଗଡ଼ଭିଙ୍ଗାରପୁର ଜିତିକାର ସୁଆଁଲୋ ମୌଜା ଚିତ୍ତଳେଶ୍ୱର ମନ୍ଦିର ନିକଟରୁ ଗତ କିଛି ଦିନ ହେଲା ଚୋରାରେ ମାଟି ଚାଲାଣ ହେଉଛି। ପ୍ରାଚୀ ନଦୀ କୂଳରେ କଟକ ସଦର ଥାନା ଅଞ୍ଚଳରେ ଥିବା ଏକ ଇଟାଭାଟିକୁ ବେଆଇନ ଭାବେ ମାଟି ଚାଲାଣ କରାଯାଉଛି। ଏହାକୁ ଗ୍ରାମବାସୀମାନେ ବିରୋଧ କରିଆସୁଥିଲେ। ଏମିତିକି ସେମାନେ ସ୍ଥାନୀୟ ପ୍ରଶାସନକୁ ମଧ୍ୟ ଜଣାଇଥିଲେ ବୋଲି କହିଛନ୍ତି। କିନ୍ତୁ ମାଟି ଚୋରା ଚାଲାଣ ବନ୍ଦ ହୋଇନଥିଲା। ତେଣୁ ଗତକାଲି ରାତିରେ କିଛି ଯୁବକ ଗାଁ ମୁଣ୍ଡ ଖରାଖାଇ ଠାକୁରାଣୀଙ୍କ ମନ୍ଦିର ନିକଟରେ ଏକ ମାଟି ବୋଝେଇ ହାଇୱା ଅଟକାଇଥିଲେ। ସେମାନଙ୍କ ଉଦ୍ଦେଶ୍ୟ ଥିଲା ହାଇୱାକୁ ପୁଲିସ ଜିମା ଦେବେ। କିନ୍ତୁ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମାଫିଆ ଓ ଭଡ଼ାଟିଆ ଗୁଣ୍ଡାମାନେ ହଠାତ ମାଡ଼ିଆସିଥିଲେ। ଖଣ୍ଡା, ଲୁହା ରଡ୍, ଚେନ୍, ପାଇପ୍ ଆଦି ମାରଣାସ୍ତ୍ରରେ ସଜ୍ଜିତ ଗୁଣ୍ଡାମାନେ ଅତର୍କିତ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ସୌମେନ୍ଦ୍ରଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେହିଭଳି ନିରଞ୍ଜନଙ୍କ ହାତ ଅଧାଅଧି ଛିଡ଼ି ଯାଇଥିଲା ଏବଂ ତାଙ୍କ ପିଠିରେ ୪/୫ ଚୋଟ ବାଜିଥିଲା। ସୌମେନ୍ଦ୍ର ଓ ନିରଞ୍ଜନଙ୍କ ଉପରେ ଖଣ୍ଡା ପାହାର ବସୁଥିବା ବେଳେ ହାଇୱା ଚାଳକ ଶରତଙ୍କ ଉପରେ ଗାଡ଼ି ଚଢ଼ାଇଦେଇଥିଲା। ଶରତଙ୍କ ଗୋଡ଼ରେ ଗାଡ଼ି ଚଢ଼ାଇ ଚାଳକ ସେଠାରୁ ଫେରାର ହୋଇଯାଇଥିଲା। ଏତିକିବେଳେ ଗ୍ରାମବାସୀମାନେ ଏକାଠି ହୋଇ ଧାଇଁ ଆସିଥିଲେ। ସେମାନେ ପ୍ରଥମେ ୩ ଆହତଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲେ। ପରେ ସେମାନଙ୍କୁ ଏମ୍‌ସ ସ୍ଥାନାନ୍ତର କରାଯାଇଥିଲା। ଗ୍ରାମବାସୀମାନଙ୍କୁ ଦେଖି ମାଫିଆ ଓ ଗୁଣ୍ଡାମାନେ ଖସିପଳାଇବାକୁ ବାହାରିଥିଲେ। ମୁଖ୍ୟ ମାଫିଆ କୁହାଯାଉଥିବା ରାଜା ଓ ତା'ର କିଛି ସହଯୋଗୀ ଖସିଯାଇଥିଲେ। କିନ୍ତୁ ଗୋଟିଏ ବୁଲେଟ୍ ଓ ଅନ୍ୟ ଏକ ବାଇକ୍ ଠିକ୍ ସମୟରେ ଷ୍ଟାର୍ଟ ହେଲା ନାହିଁ। ତେଣୁ ୩ଜଣ ଖସିବାକୁ ବାଟ ପାଇନଥିଲେ। ସେମାନେ ବିକଳରେ ଦୌଡ଼ୁଦୌଡ଼ୁ ବାଟବଣା ହୋଇ ଗାଁ ଭିତରକୁ ପଶିଯାଇଥିଲେ। ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ କାବୁ କରି ବହେ ଛେଚିବା ପରେ ବାନ୍ଧି ପକାଇଥିଲେ। ଅନ୍ୟମାନେ ବାଇକ୍ ଦୁଇଟିକୁ ପିଟି ଭାଙ୍ଗି ପକାଇଥିଲେ।ଗଣ୍ଡଗୋଳ ଖବର ପାଇ ବାଲିଅନ୍ତା ଥାନା ପୁଲିସ ଗଡ଼ଭିଙ୍ଗାରପୁରରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିଲା। ଗ୍ରାମବାସୀଙ୍କ ପ୍ରଶ୍ନବାଣରେ ପୁଲିସ ମୁହଁ ଖୋଲି ପାରିନଥିଲା। ରାତିତମାମ ୩୦ରୁ ଅଧିକ ହାଇୱା ଏହି ଅଞ୍ଚଳରୁ ଚୋରାରେ ମାଟି ବୋହୁଛି ଏବଂ ପୁଲିସ ଇଟାଭାଟି ମାଲିକଙ୍କଠାରୁ କେତେ ଟଙ୍କା ମାସିକିଆ ପାଉଛି ବୋଲି ଲୋକେ ସିଧାସଳଖ ପଚାରିଥିଲେ। ଆଇନକୁ ହାତକୁ ନ ନେଇ ଅଟକ ଯୁବକଙ୍କୁ ପୁଲିସ ଜିମା ଦେବାକୁ ଅଧିକାରୀମାନେ ବୁଝାଇଥିଲେ। ହସ୍ପିଟାଲ୍‌ରୁ ଆହତମାନଙ୍କ ସୁସ୍ଥ ଖବର ନ ମିଳିବା ପର୍ଯ୍ୟନ୍ତ ଅଟକ ୩ଜଣଙ୍କୁ ଛଡ଼ାଯିବ ନାହିଁ ବୋଲି ଉତ୍ତ୍ୟକ୍ତ ଲୋକେ ଖୋଲାଖୋଲି କହିଥିଲେ। ଏସିପି ବିଭୂତି ଭୂଷଣ ମହାପାତ୍ର ଓ ଆଇଆଇସି ଅନିଲ ପରିଡ଼ା ଲୋକଙ୍କୁ ବୁଝାସୁଝା କରିଥିଲେ। ଏତିକିବେଳେ ଖବର ମିଳିଲା ଯେ ଆହତମାନେ ସୁସ୍ଥ ଅଛନ୍ତି। ଏହାପରେ ଗାଁ ଲୋକେ ୩ ଅଟକଙ୍କୁ ପୁଲିସ ଜିମା ଦେଇଥିଲେ। ମୁଖ୍ୟ ଅଭିଯୁକ୍ତ ରାଜା ଓ ତା'ର ସହଯୋଗୀମାନଙ୍କୁ ପୁଲିସ ତୁରନ୍ତ ଗିରଫ ନ କଲେ, ଗ୍ରାମବାସୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।





## ଓଡିଶାରେ ହେବ ଶକ୍ତି କରିଡର

### ଶକ୍ତିପୀଠକୁ ଉଡ଼ିବ ହେଲିକପ୍ଟର



ଭୁବନେଶ୍ୱର,୯/୪: ରାଜ୍ୟ ସରକାର ଶକ୍ତିପୀଠ କରିଡ଼ର ମାଧ୍ୟମରେ ଓଡ଼ିଶାର କିଛି ପୁରାତନ ମନ୍ଦିରର ଗୁରୁତ୍ୱ ବଢ଼ାଇବାକୁ ଯାଉଛନ୍ତି। ଏହାରି ମାଧ୍ୟମରେ ରାଜ୍ୟରେ ରହିଥିବା ସମସ୍ତ ଶକ୍ତିପୀଠକୁ ଯୋଡାଯିବ। ସମସ୍ତ ଶକ୍ତିପୀଠ ମଧ୍ୟରେ ସମନ୍ୱୟ ରଖାଯିବ। ଏହି ଶକ୍ତିପୀଠ କରିଡ଼ର ସମ୍ପର୍କରେ ଖୁବଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯିବ। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଗସ୍ତ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏହି ସୂଚନା ଦେଇଛନ୍ତି। ଆଜି ଚୈତ୍ର ମାସର ଶେଷ ମଙ୍ଗଳବାର ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ଦର୍ଶନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ ମା' ତାରିଣୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ରାଜ୍ୟର ଶକ୍ତିପୀଠକୁ ନେଇ ସ୍ୱତନ୍ତ୍ର କରିଡର ନିର୍ମାଣ ହେବ। ଏହି କରିଡ଼ରରେ ଗଂଜାମ ଜିଲ୍ଲାର ତାରାତାରିଣୀ, ଭୈରବୀ, ଯାଜପୁରର ବିରଜା, ଖୋର୍ଦ୍ଧା ଜିଲ୍ଲାର ଉଗ୍ରତାରା, ବାଣପୁରସ୍ଥିତ ଭଗବତୀ, ପୁରୀ ଜିଲ୍ଲା କାକଟପୁରସ୍ଥିତ ମଙ୍ଗଳା, ଚିଲିକାର କାଳିଜାଇ ପୀଠକୁ ସାମିଲ କରାଯାଇଛି। ଆଗାମୀ ୨ ବର୍ଷ ଭିତରେ ଶକ୍ତିପୀଠ କରିଡର୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ହେଲିକପ୍ଟର ବ୍ୟବସ୍ଥା ନେଇ ଯୋଜନା କରାଯାଇଛି। ରାଜ୍ୟରେ ଥିବା ସମସ୍ତ ଶକ୍ତିପୀଠକୁ ଏଥିରେ ଯୋଡ଼ାଯିବ। ଖୁବଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କରାଯିବ ଘୋଷଣା। ସୂଚନାଯୋଗ୍ୟ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦ୍ୱେୀ ମା' ତାରାତାରିଣୀଙ୍କ ଶକ୍ତିପୀଠ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମା' ତାରାତାରିଣୀଙ୍କ ପୀଠ ଏବଂ ଆଖପାଖ ଅଞ୍ଚଳର ଉନ୍ନତୀକରଣ ନେଇ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପଗୁଡିକର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଏବଂ ଆସ୍କା ବିଧାୟକ ସରୋଜ ପାଢ଼ୀ ଉପସ୍ଥିତ ଥିଲେ।

## ରାଜଧାନୀରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର: ପାଠ ଛାଡ଼ିବେ ୧୩୦ ପିଲା

ଭୁବନେଶ୍ୱର, ୯/୪: ଚନ୍ଦ୍ରଶେଖରପୁର ଠାରୁ ଅଧିକ ଛାତ୍ରଛାତ୍ରୀ ପଢୁଛନ୍ତି। ଏଠାରେ ରେଡ୍‌କ୍ରସ, ସ୍କାଉଡ୍ ଆଣ୍ଡ୍ ଗାଇଡ୍, ଇକୋ-କ୍ଲବ୍ ରହିବା ସହ କ୍ରୀଡ଼ା କ୍ଷେତ୍ରରେ ପିଲାମାନେ ଉନ୍ନତ ପ୍ରଦର୍ଶନ କରୁଛନ୍ତି।ଗୋଟିଏ କ୍ୟାମ୍ପସ୍‌ରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଛି। ୫୦ ତିନି ଦଶନ୍ଧି ଧରି ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ଗଢ଼ିଥିବା ରେଲୱେ କଲୋନି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଦୁଇଟି ଶ୍ରେଣୀରେ ତାଲା ମାରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯେଉଁଠାରେ ୧୩୦ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଉଚ୍ଚ ପ୍ରାଥମିକର ଦୁଇଟି ଶ୍ରେଣୀ ବନ୍ଦ ହେବା ଯେତିକି ଚିନ୍ତାର ବିଷୟ ନୁହେଁ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ୬ଷ୍ଠ ଓ ୭ମ ଶ୍ରେଣୀ ମଧ୍ୟରେ ପଢୁଥିବା ୧୩୦ ପିଲାଙ୍କ ଭବିଷ୍ୟତ। କାରଣ ଉଚ୍ଚ ପ୍ରାଥମିକ ଶ୍ରେଣୀ ବନ୍ଦ ଦ୍ୱାରା ଆଖପାଖ ଅଞ୍ଚଳର ପିଲାଙ୍କ ପାଠପଢ଼ା ଠପ୍ ହୋଇଯିବ। ସେମାନେ ୩ କିମି ଦୂରରେ ଥିବା ଡମଣା, ଗାଡ଼କଣ ଅଞ୍ଚଳର ବିଦ୍ୟାଳୟକୁ ପଢ଼ିବାକୁ ଯିବା ବଦଳରେ ପାଠପଢ଼ା ଛାଡ଼ିଦେବାକୁ ମନସ୍ଥ କରିଛନ୍ତି। ରେଳବାଇ ଦ୍ୱାରା ପ୍ରଦତ୍ତ ଜମିରେ ଏହି ବିଦ୍ୟାଳୟ ୧୯୯୧ରୁ ଚାଲିଛି। ଗୋଟିଏ କ୍ୟାମ୍ପସ୍‌ରେ ଏବେ ପ୍ରଥମରୁ ୫ମ ଶ୍ରେଣୀରେ ୨୦୨, ଷଷ୍ଠ ଓ ସପ୍ତମରେ ୧୩୦ ଏବଂ ଅଷ୍ଟମରୁ ଦଶମ ଶ୍ରେଣୀରେ ୨୦୦ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଯେଉଁ ଛାତ୍ରଛାତ୍ରୀ ଏଠାରେ ଶିକ୍ଷାଗ୍ରହଣ କରୁଛନ୍ତି ସେମାନେ ମୁଖ୍ୟତଃ ଗରିବ ପରିବାରର ତଥା ଦିନ ମଜୁରିଆ। ଧିରୀକୁଟି ସାହି, ରେଲୱେ କଲୋନି, ଆଦିମାତା କଲୋନି, ପାତ୍ରସାହି, ଦାସରାଜା ବସ୍ତି, ତ୍ରିନାଥ ବସ୍ତିର ପିଲାମାନେ ମୁଖ୍ୟତଃ ଏହି ବିଦ୍ୟାଳୟ ଉପରେ ନିର୍ଭରଶୀଳ। ଘର ପାଖରେ ବିଦ୍ୟାଳୟ ହୋଇଥିବାରୁ ଅଭିଭାବକମାନେ ସକାଳୁ ପିଲାଙ୍କୁ ସ୍କୁଲ ଛାଡ଼ି କର୍ମକ୍ଷେତ୍ରକୁ ଚାଲି ଯାଆନ୍ତି। ଆଉ ଫେରିବା ପରେ ସ୍କୁଲ ଛୁଟି ହେବାରୁ ସେମାନେ ପିଲାଙ୍କୁ ନେବାକୁ ଆସନ୍ତି। ଏହାଦ୍ୱାରା ପିଲାଙ୍କ ପାଠପଢ଼ା କିମ୍ବା ଅଭିଭାବକଙ୍କ କର୍ମକ୍ଷେତ୍ରରେ କୌଣସି ଅସୁବିଧା ହୁଏ ନାହିଁ। ମାତ୍ର ଏବେ ସରକାରୀ ଓ ଅନୁଦାନପ୍ରାପ୍ତ ବର୍ଗୀକରଣରେ ବିଦ୍ୟାଳୟ ଛନ୍ଦି ହୋଇପଡ଼ିଛି। ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ଅବସର ଗ୍ରହଣ ପରେ ସେଠାରେ ନୂତନ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ନ ଥିବା ଦର୍ଶାଇ ଗଣଶିକ୍ଷା ବିଭାଗ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ନିୟମ ଦ୍ୱାରା ପିଲାଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି। ୧୯୯୧ରେ ଦୁଇଜଣ ଶିକ୍ଷକଙ୍କୁ ନେଇ ଆରମ୍ଭ ହୋଇଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୯୪ରେ ସରକାରୀ ଅନୁଦାନପ୍ରାପ୍ତ ହୋଇଥିଲା। ୨୦୨୪ରେ ବିଦ୍ୟାଳୟର ଦୁଇଜଣ ଶିକ୍ଷକ ଅବସର ଗ୍ରହଣ କରିବା ପରେ ଏଠାରେ ଶିକ୍ଷକଙ୍କ ସଂଖ୍ୟା ଶୂନ୍ୟ ହୋଇଥିଲା। ତେଣୁ ସ୍କୁଲ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀ ନିଷ୍ପତ୍ତି ନେଇଥିଲେ। ଯେହେତୁ ଶିକ୍ଷାବର୍ଷ ଚାଲିଥିଲା ପିଲାଙ୍କ ପାଠପଢ଼ାରେ ଯେପରି ଅସୁବିଧା ନ ହୁଏ ସେଥିପାଇଁ ଅସ୍ଥାୟୀ ଭାବେ ଜଣେ ଶିକ୍ଷୟିତ୍ରୀଙ୍କୁ ଏଠାରେ ନିଯୁକ୍ତ କରାଯାଇଥିଲା। ତେବେ ଗତ ମାର୍ଚ୍ଚ ୨୫ରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏହି ବିଦ୍ୟାଳୟକୁ ଡି-ରେକୋଗନାଇଜେସନ୍ କରି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ କରିବାକୁ ଡିଇଓ ଓ ବିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ ଏହି ବିଦ୍ୟାଳୟକୁ ଉନ୍ନୀତ କରିବାକୁ ଓସେପା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ କେ?ଣସି ସୁଫଳ ମିଳିପାରି ନାହିଁ।ଏହାରି ଭିତରେ ୬ଷ୍ଠ ଓ ୭ମ ଶ୍ରେଣୀ କ୍ଲାସରୁମ୍‌ରେ ତାଲା ପକାଇ ଦିଆଯାଇଛି। ପିଲାମାନଙ୍କୁ ଭିତରକୁ ଛଡ଼ାଯାଉ ନାହିଁ। ଯେଉଁ ପିଲାମାନେ ବିଦ୍ୟାଳୟ ଆସୁଛନ୍ତି ସେମାନଙ୍କୁ ଫେରାଇ ଦିଆଯାଉଛି। ଆହୁରି ଚକିତ କଲା ଭଳି କଥା ହେଉଛି ଯେ ଦୁଇଟି ଶ୍ରେଣୀର ୧୩୦ ପିଲାଙ୍କ ମଧ୍ୟାହ୍ନଭୋଜନ ବନ୍ଦ କରି ଦିଆଯାଇଛି। ସ୍କୁଲ ଆସି ବାରଣ୍ଡା କିମ୍ବା ଅଙ୍ଗନବାଡ଼ି ଭିତରେ ବସି ରହୁଥିଲେ ମଧ ସେମାନଙ୍କୁ କିଛି ମିଳୁନି। ଏଭଳି ସମସ୍ୟା ନେଇ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ ୩ ତାରିଖରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଓପେସା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ।



## ଓକାକକୁ ମିଳିଲା ଦୁଇଟି ପୁରସ୍କାର

ଭୁବନେଶ୍ୱର ,୯/୪: ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବୈଷୟିକ ଶାଖା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ) କୁ ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଆଧାର ସମ୍ବାଦ ୨୦୨୫ କାର୍ଯ୍ୟକ୍ରମରେ ଦୁଇଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ରେଜିଷ୍ଟ୍ରାର ଭାବେ ଆଧାର ପଞ୍ଜୀକରଣରେ ବିଶେଷ ଉପଲବ୍ଧି ହାସଲ କରିଥିବାରୁ ଓକାକକୁ ପ୍ରଥମ ପୁରସ୍କାରଟି ପ୍ରଦାନ କରାଯାଇଥିଲା। ସମଗ୍ର ଓଡ଼ିଶାରେ ୟୁଆଇଡିଏଆଇ ସ୍ଥିରୀକୃତ ମାନଦଣ୍ଡ ଅନୁଯାୟୀ ତ୍ରୁଟିମୁକ୍ତ ଏବଂ ନାଗରିକ ଅନୁକୂଳ ପଞ୍ଜିକରଣ ସେବା ଓ ସୁବିଧା ସୁନିଶ୍ଚିତ କରି ଓକାକ ଏହି ସ୍ୱୀକୃତି ପାଇପାରିଛି । ଦ୍ୱିତୀୟ ପୁରସ୍କାର ରାଜ୍ୟ ପ୍ରମାଣୀକରଣ ଉପଭୋକ୍ତା ଏଜେନ୍ସି (ଏୟୁଏ) ଭାବରେ ଓକାକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି । ଓକାକ ପ୍ରକୃତ ସମୟ ଆଧାର ପ୍ରମାଣୀକରଣ ପାଇଁ ଏକ ସୁରକ୍ଷିତ, ଦକ୍ଷ ଏବଂ ବିଶ୍ୱସନୀୟ ପ୍ଲାଟଫର୍ମର ସୁବିଧା ପ୍ରଦାନ କରିଆସିଛି। ବିଭିନ୍ନ ସରକାରୀ ସେବାଗୁଡିକର ନିରବଚ୍ଛିନ୍ନ ବିତରଣକୁ ଓକାକ ସକ୍ଷମ କରିଆସିଛି । ଉଲ୍ଲେଖଯୋଗ୍ୟ ଯେ, ସମୟର ଆବଶ୍ୟକତା ଅନୁଯାୟୀ ବୈଷୟିକ ଉଦ୍ଭାବନ, ସର୍ବୋତ୍ତମ ପ୍ରୟାସ ଏବଂ ୟୁଆଇଡିଏଆଇ ସହ ନିରନ୍ତର ସହଯୋଗ ମାଧ୍ୟମରେ ଓଡ଼ିଶାରେ ଆଧାର ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଓକାକ ସହ ସମ୍ପୃକ୍ତ ସମସ୍ତଙ୍କର ନିରନ୍ତର ଓ ଉତ୍ସର୍ଗୀକୃତ ପ୍ରୟାସକୁ ଏହି ସମ୍ମାନଗୁଡିକ ପ୍ରତିଫଳିତ କରୁଛି ।

## ବାଂଲାଦେଶ ଯାଉଛି ଓଡ଼ିଶା ବାଲି



ଜଳେଶ୍ୱର,୯/୪: ଓଡ଼ିଶା-ପଶ୍ଚିମବଙ୍ଗ ସୀମା ନିର୍ଦ୍ଧାରଣ ହୋଇ ପାରୁନି। ମାଫିଆମାନେ ସୁବର୍ଣ୍ଣରେଖା ନଦୀରୁ ବାଲି କୋରି ନେଉଛନ୍ତି। ବାଲିକୁ ପଶ୍ଚିମବଙ୍ଗର ହଳଦିଆରେ ପ୍ୟାକେଟ୍ କରି ବାଂଲାଦେଶ ସମେତ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ସୁବର୍ଣ୍ଣରେଖା ନଦୀ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ତହସିଲ୍ ଅନ୍ତର୍ଗତ ବିସ୍ତୀର୍ଣ୍ଣ ଅଞ୍ଚଳ ଦେଇ ପ୍ରବାହିତ ହେଉଛି। ଜଳେଶ୍ୱର ବ୍ଲକ୍ ଓଲମରା ପଞ୍ଚାୟତ ଅଧୀନ ରାଜନଗରଠାରୁ ଗୋବରଘାଟା ଯାଏଁ ଏହି ନଦୀ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଦେଇ ପ୍ରବାହିତ। ତେବେ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ପ୍ରହରାଜପୁର ଓ ଗୁଆଗଡ଼ିଆ ଅଞ୍ଚଳ ଉପରେ ପଶ୍ଚିମବଙ୍ଗ ବାଲି ମାଫିଆଙ୍କ ନଜର ପଡ଼ିଛି। ସେମାନେ ନିଜ ରାଜ୍ୟର ସରକାରଙ୍କଠାରୁ ଅନୁମତି ଆଣିଥିଲେ ମଧ ପରିବେଶ ଆଇନକୁ ଉଲ୍ଲଂଘନ କରି ଦିନରାତି ବେଆଇନ ବାଲି ଉତ୍ତୋଳନ କରୁଛନ୍ତି। ଏଥିପାଇଁ ୬ଟିରୁ ଅଧିକ ଜେସିବି ସହ ଶତାଧିକ ଟ୍ରାକ୍ଟର, ଟ୍ରକ୍ ଓ ଡମ୍ପର ବ୍ୟବହାର ହେଉଛି। ଉତ୍ତୋଳିତ ବାଲି ପଶ୍ଚିମବଙ୍ଗ ହଳଦିଆସ୍ଥିତ ଏକ କାରଖାନାକୁ ଯାଉଛି। ସେଠାରେ ବାଲିକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପ୍ୟାକିଂ କରାଯାଇ ସମୁଦ୍ର ପଥରେ ବାଂଲାଦେଶ ସହ ଦେଶର ବିଭିନ୍ନ ପ୍ରାନ୍ତକୁ ଚାଲାଣ କରାଯାଉଛି। ଏହି ବାଲି କାରବାର ପଛରେ ମୁଖ୍ୟ କାର୍ପଟଦାର ସାଜିଛନ୍ତି ପଶ୍ଚିମବଙ୍ଗର ଜଣେ ବ୍ୟବସାୟୀ। ଜଳେଶ୍ୱର ତହସିଲ ଦକ୍ଷିଣ ପ୍ରହରାଜପୁରରେ ତାଙ୍କର ଇଟାଭାଟି ରହିଛି। ଭାଟିକୁ କଞ୍ଚାମାଲ୍ ନେବା ଓ ଇଟା ରପ୍ତାନି କରିବା ପାଇଁ ସେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ଅନ୍ତଃରାଜ୍ୟ ଅସ୍ଥାୟୀ କାଠ ପୋଲ ନିର୍ମାଣ କରିଛନ୍ତି। ଏହି ପୋଲକୁ ବ୍ୟବସାୟୀ ଜଣକ ବାଲି ଚାଲାଣ ପାଇଁ ମଧ୍ୟ ବ୍ୟବହାର କରୁଛନ୍ତି। ତେବେ ପଶ୍ଚିମବଙ୍ଗକୁ ଯିବା ପାଇଁ ଉକ୍ତ ପୋଲ ଏକମାତ୍ର ମାଧ୍ୟମ ହୋଇଥିବାରୁ ଜନସାଧାରଣ ପ୍ରତିବାଦ କି ଅଭିଯୋଗ କରିପାରୁ ନାହାନ୍ତି। ଏ ନେଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ନିକଟରେ ଓସାକ୍‌ର ଏକ ଉଚ୍ଚସ୍ତରୀୟ ଟିମ୍ ପ୍ରହରାଜପୁର ଓ ଗୁଆଗଡ଼ିଆ ଗାଁକୁ ଯାଇ ତଦନ୍ତ କରିଛି। ରିପୋର୍ଟ ପ୍ରସ୍ତୁତ କରି ଓଡ଼ିଶା ସରକାରଙ୍କୁ ଦିଆଯାଇଛି। ସୀମା ନିର୍ଦ୍ଧାରଣ ପାଇଁ ପଶ୍ଚିମବଙ୍ଗ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ କଥାବାର୍ତ୍ତା ଜାରି ରହିଛି। ଆଶା କରାଯାଉଛି; ଶୀଘ୍ର ସମସ୍ୟାର ସମାଧାନ ହେବ ଏବଂ ବେଆଇନ ବାଲି ଚାଲାଣ ଉପରେ ରୋକ୍ ଲାଗିବ। ଉଲ୍ଲେଖଥାଉକି; ସୁବର୍ଣ୍ଣରେଖା ନଦୀତଟବର୍ତ୍ତୀ ଅଞ୍ଚଳରେ ସୀମା ଚିହ୍ନଟ ନ ହେବା ପଶ୍ଚିମବଙ୍ଗ ବାଲି ମାଫିଆଙ୍କୁ ସୁହାଉଛି। ସେମାନେ ନଦୀରୁ ମନଇଚ୍ଛା ବାଲି ଉତ୍ତୋଳନ କରି ମାଲାମାଲ୍ ହେଉଛନ୍ତି। ଅପରପକ୍ଷରେ ଓଡ଼ିଶା ସରକାର ପ୍ରତିବର୍ଷ ଶହ ଶହ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଫଳରେ ସରକାରୀ କଳର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଚାଲିଛି ମାଁ ରୁଦ୍ରକାଳୀଙ୍କ ଦଣ୍ଡଯାତ୍ରା

ଘୁ.ଉଦୟଗିରି,୯/୪: ତିନିଶହ ବର୍ଷର ପୁରୁଣା ପରମ୍ପରା ଘୁ.ଉଦୟଗିରିର ଦଣ୍ଡନାଚ ପରମ୍ପରା। ସେଇ ପୁରୁଣା ପରମ୍ପରାକୁ ବଞ୍ଚେଇ ରଖିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଆଧୁନିକତା ସ୍ପର୍ଶ କରିନି ସ୍ଥାନୀୟ ଦଣ୍ଡଯାତ୍ରାରେ। ସେଇ ଦିନରେ ଧୂଳିଦଣ୍ଡ କନ୍ଧ କନ୍ଧୁଣି, ଗୌଡ଼ ଗୌଡୁଣି, ସବର-ସବରୁଣୀ, ରାତିରେ କାଳୀକା, ଈଶ୍ୱର-ପାର୍ବତୀ, ଚଢ଼େଇଆ-ଚଢ଼େଇଆଣି, ଭଳି ଦଣ୍ଡ ନୃତ୍ୟ ଭିତରେ ଚାଲିଛି ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ଯାତ୍ରା ଶ୍ରୀଶ୍ରୀ ମାଁ ରୁଦ୍ରକାଳୀଙ୍କ ପାରମ୍ପରିକ ଦଣ୍ଡଯାତ୍ରା ଏହି ପାରମ୍ପରିକ ଦଣ୍ଡଯାତ୍ରା ଚଳିତ ମାସ ୧ତାରିଖ ରାତିରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୩ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ୧୩ ଦିନ ମାଁ ରୁଦ୍ରକାଳୀ ଓ ଦେବଦେବ ମହାଦେବ ୧୩ ଭୁକୁତା ଓ ମାନସିକ ପୂରଣ ନିମନ୍ତେ ପଇତା ଧାରି ସେବାୟତଙ୍କ ସହ ମାନସିକଧାରୀ ଭକ୍ତମାନଙ୍କ ଘରକୁ ଯାତ୍ରା କରିଥାନ୍ତି। ସମସ୍ତ ଦଣ୍ଡୁଆ ପ୍ରତ୍ୟେକ ଦିନ ଏକ ଓଳା ଭୋଜନ ଗ୍ରହଣ କରିଥାନ୍ତି। ଦିନ ୧୨ ଘଣ୍ଟିକା ପରେ ଭକ୍ତଙ୍କ ଘର ସମ୍ମୁଖରେ ଧୂଳି ଦଣ୍ଡ ଅନୁଷ୍ଠିତ ହୁଏ ସେହି ସମୟରେ ପଇତା ଧାରି ମାନସିକ ଭକ୍ତମାନେ ବିଭିନ୍ନ ଦଣ୍ଡ ଗ୍ରହଣ କରି ସେବା କରିବା ସହ କଳାକାର ବହୁତ୍ ସୁନ୍ଦର ଅଭିନୟ ସହ ନୃତ୍ୟ କରିଥାନ୍ତି। ଆଧୁନିକ ଯୁଗରେ ବିଭିନ୍ନ ଦଣ୍ଡରେ ଆଧୁନିକତା ଏବଂ ଅଶ୍ଳୀଳତା ପ୍ରବେଶ କରିଥିବା ବେଳେ ଘୁ.ଉଦୟଗିରି ଦଣ୍ଡଯାତ୍ରା ଏଥିରୁ ବାଦ ପଡ଼ିଛି। କାରଣ ଦଣ୍ଡ ନୃତ୍ୟରେ ଦିନରେ ହେଉ କି ରାତିରେ ନାରୀ ଭୂମିକାରେ ପୁରୁଷମାନେ ହିଁ ଅଭିନୟ ପ୍ରଦର୍ଶନ କରନ୍ତି। ଅନ୍ୟପକ୍ଷରେ ରାତିରେ ଅନୁଷ୍ଠିତ ସାମାଜିକ ନାଟକ କୌଣସି ଷ୍ଟେଜରେ ହୁଏ ନାହିଁ। ଅର୍ଥାତ କଳାପ୍ରଦର୍ଶନ ତଳେ ହୁଏ। ସମସ୍ତ ନାଚୁଆ ୧୩ଦିନ ସମସ୍ତ ନୀତି ନିୟମ ମାନି ଦଣ୍ଡୁଆଙ୍କ ପୋଷାକ ଧୋତି ପିନ୍ଧି ରୁହନ୍ତି। ବାହାର ଖାଦ୍ୟ ସେବନରୁ ନିବୃତ୍ତ ରହିଥାନ୍ତି। ମା'ଙ୍କୁ ବରଣ କରିଥିବା ଭକ୍ତ ଦାଣ୍ଡରେ ମାଁ ଙ୍କ ଦଣ୍ଡ ନାଚ ଅନୁଷ୍ଠିତ ହୋଇଥାଏ। ପୁରାଣ ଶାସ୍ତ୍ର ଅନୁସାରେ ପୁରାତନ ପରମ୍ପରାକୁ ନାଚ ଗୀତ ମାଧ୍ୟମରେ ପରିବେଷଣ କରାଯାଇଥାଏ। ସନ୍ଧ୍ୟା ସମୟରେ ପାଣି ଦଣ୍ଡ ଅନୁଷ୍ଠିତ ହୁଏ। ଅର୍ଥାତ୍ ସମସ୍ତେ ନଦୀ, ବନ୍ଧ ତୋଠରେ ନିଜେ ସ୍ନାନ ହେବା ସହ ଦେବା ଦେବୀଙ୍କୁ ସ୍ନାନ କରାଇଥାନ୍ତି। ସେଠାରେ ରୀତି ନୀତି ଅନୁଯାୟୀ ପୂଜା ପାଠ କରାଯିବା ପରେ ପୂଜାରୁ ଆସିଥିବା ପାଦୁକା ସାହାଯ୍ୟରେ ପ୍ରସ୍ତୁତ କରାଯାଇ ପଣା ପିଇଥାନ୍ତି। ସନ୍ଧ୍ୟା ଆଳତି ପରେ ଭୋଜନ ପ୍ରସ୍ତୁତ ହୁଏ ଓ ବିଳମ୍ବିତ ରାତିରେ ସମସ୍ତ ଦଣ୍ଡୁଆ ପ୍ରସାଦ ସେବନ କରିଥାନ୍ତି। ଯାହା ସହରର ସାହିସାହିରେ ଢୋଲ ମହୁରି ଶବ୍ଦର ତାଳେ ତାଳେ ଦଣ୍ଡ ନାଚ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳୁଛି। ଦଣ୍ଡଯାତ୍ରାର ଢୋଲ, ତୁରୀ, ବାଜା ସହିତ ଝୁଣା ବାସ୍ନାରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜନସାଧାରଣ ଯାତ୍ରା ଉପୋଭୋଗ କରୁଥିବା ଦେଖିବାକୁ ମିଳୁଛି। ଦିନ ଓ ରାତିରେ ପାରମ୍ପରିକ ଦଣ୍ଡ ଯାତ୍ରାର ବିଭିନ୍ନ ଚରିତ୍ର ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏହି ଯାତ୍ରା ସମୟରେ ପ୍ରାୟ ସମସ୍ତ ହିନ୍ଦୁ ପରିବାରରେ ଆମିଷ ବର୍ଜନ ହୋଇଥିବା ବେଳେ ଶାକାହାରୀ ଖାଦ୍ୟ ଖାଇଥାନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ